Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସଂଖ୍ୟା 22

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 01 ଜୁନ୍ 2017   01 ଏହ୍‌ସାନ୍ 1396 ହି.ଶ   05 ରମ୍‌ଜାନ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିʼଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ସମଗ୍ର ସଂସାରର ପ୍ରଭୁ ହେଉଛନ୍ତି ସେ ଯିଏ ମୋ ଉପରେ ଓ୍ୱହି (ଐଶ୍ୱରିକ ବାଣୀ) ଅବତୀର୍ଣ୍ଣ କରିଛନ୍ତି, ଯିଏ ମୋ ପାଇଁ ଶକ୍ତିଶାଳୀ ନିଦର୍ଶନ ଦେଖାଇଛନ୍ତି ଓ ଯିଏ ମୋତେ ଏ ଯୁଗ ନିମନ୍ତେ ମସିହ୍ ମଉଦ୍ ରୂପେ ପ୍ରେରଣ କରିଛନ୍ତି ।**

**ଖୁଦା ହେଉଛନ୍ତି ଏକ ପ୍ରିୟ ଖଜାନା । ତାଙ୍କର ଆଦର କରନ୍ତୁ । ଫଳତଃ ସେ ତୁମକୁ ପାଦେ ପାଦେ ସାହାଯ୍ୟ କରିବେ । ତାଙ୍କ ବିନା ତୁମେ କିଛି ନୁହଁ ଓ ନା ତୁମର ଉପକରଣ ଓ ନା ତୁମର ଉପାୟ କିଛି ଅଟେ ।**

# ହଜରତ ମସିହ୍ ମଉଦ[ଆ.ସ]ଙ୍କ ନୀତି ବାଣୀ

ସମଗ୍ର ସଂସାରର ପ୍ରଭୁ ହେଉଛନ୍ତି ସେ ଯିଏ ମୋ ଉପରେ ଓ୍ୱହି (ଐଶ୍ୱରିକ ବାଣୀ) ଅବତୀର୍ଣ୍ଣ କରୁଛନ୍ତି, ଯିଏ ମୋ ପାଇଁ ଶକ୍ତିଶାଳୀ ନିଦର୍ଶନ ଦେଖାଇଛନ୍ତି ଓ ଯିଏ ମୋତେ ଏ ଯୁଗ ନିମନ୍ତେ ମସିହ୍ ମଉଦ୍ ରୂପେ ପ୍ରେରଣ କରିଛନ୍ତି । ତାଙ୍କ ବ୍ୟତୀତ ଆଉ କେହି ଖୁଦା ନାହାଁନ୍ତି ନା ଆକାଶରେ ନା ପୃଥିବୀରେ । ଯିଏ ତାଙ୍କୁ ଉପରେ ବିଶ୍ୱାସ ଆଣୁନାହିଁ ସେ ସୌଭାଗ୍ୟରୁ ବଂଚିତ ଓ ବିଭିନ୍ନ ଅଡୁଆରେ ବନ୍ଧା ହୋଇଛି । ଆମେ ଆମ ଖୁଦାଙ୍କର ଓ୍ୱହିକୁ ଉଜ୍ଜ୍ୱଳ ସୂର୍ଯ୍ୟ ସଦୃଶ ପାଇଛୁ । ଆମେ ତାଙ୍କୁ ଦେଖିସାରିଛୁ ଯେ ସେ ସଂସାରର ଖୁଦା ଅଟନ୍ତି । ତାଙ୍କ ବ୍ୟତୀତ ଆଉ କେହି ନୁହେଁ । କେଡ଼େ କାଦିର୍ (ପ୍ରଭୁତ୍ୱଶାଳୀ) ଓ କେଡ଼େ କୟୁମ (ଯିଏ ସ୍ୱୟଂ ପ୍ରତିଷ୍ଠିତ ଓ ସମସ୍ତଙ୍କର ପ୍ରତିଷ୍ଠାତା) ହେଉଛନ୍ତି ସେ ଖୁଦା ଯାହାକୁ ଆମେ ପାଇସାରିଛୁ ଓ କେତେ ଶକ୍ତିଶାଳୀ ସାମର୍ଥ୍ୟର ପ୍ରଭୁ ସେ ଯାହାକୁ ଆମେ ଦେଖିସାରିଛୁ । ସତ୍ୟ ହେଉଛି ଏହା ଯେ ତାଙ୍କ ପାଇଁ କୌଣସି ବିଷୟବସ୍ତୁ ଅପ୍ରତ୍ୟାଶିତ ନୁହେଁ । କିନ୍ତୁ ସେହି ବିଷୟ ଅପ୍ରତ୍ୟାଶିତ ଯାହା ତାଙ୍କ ପୁସ୍ତକ ଓ ବଚନର ବିରୋଧି ହୋଇଥାଏ । ତେଣୁ ଯେତେବେଳେ ତୁମେ ଦୁଆ କରିବ ତାହା ସେହି ନିର୍ବୋଧ (ଭୌତିକବାଦୀ) ଙ୍କ ପରି  କରନାହିଁ । ଯିଏ ନିଜ ମନରୁ ଏକ ପ୍ରକାର ପ୍ରାକୃତିକ ନିୟମ ଗଢ଼ିଛନ୍ତି ଯାହା ଉପରେ ଅଲ୍ଲାଃଙ୍କ ପୁସ୍ତକର ମୋହର ନାହିଁ । କାରଣ ତାହା ମର୍‌ଦୁଦ୍ (ଅଧମ) ଅଟେ । ସେମାନଙ୍କ ଦୁଆ କଦାପି ଗୃହୀତ ହେବନାହିଁ କାରଣ ସେମାନେ ଅନ୍ଧ ନୁହଁନ୍ତି କି ବଧିର ନୁହଁନ୍ତି । ସେମାନେ ମୃତ ନୁହଁନ୍ତି କି ଜୀବିତ ନୁହଁନ୍ତି । ଅଲ୍ଲାଃଙ୍କ ସାମ୍‌ନାରେ ନିଜର ମନ ଗଢ଼ା ନିୟମର ରଖୁଛନ୍ତି ଓ ସେମାନେ ଅଲ୍ଲାଃଙ୍କ ଅସୀମ ଐଶ୍ୱରିକ ଶକ୍ତିକୁ ସୀମିତ କରୁଛନ୍ତି ଏବଂ ତାଙ୍କୁ ଦୁର୍ବଳ ମନେ କରୁଛନ୍ତି । ତେଣୁ  ତାଙ୍କ ଅବସ୍ଥା ମୁତାବକ ତାଙ୍କ ସହିତ ବ୍ୟବହାର କରାଯିବ । କିନ୍ତୁ ତୁ ଯେତେବେଳେ ଦୁଆ ପାଇଁ ଛିଡ଼ା ହେବୁ ତୋ ପାଇଁ ଏହା ଧାର୍ଯ୍ୟ ଅଟେ ଯେ ତୁ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବୁ ଯେ ତୋ ଖୁଦା ପ୍ରତ୍ୟେକ କାର୍ଯ୍ୟରେ ସକ୍ଷମ ଅଟନ୍ତି ବୋଲି । ତେବେ ଯାଇ ତୋ ଦୁଆ ଗ୍ରହଣୀୟ ହେବ ଏବଂ ତୁମେ ଅଲ୍ଲାଃଙ୍କ ଅଭୁତ ବିସ୍ମୟକର ଇଶ୍ୱରୀୟ ଶକ୍ତିକୁ ଦେଖିବୁ ଯାହା ଆମେ ଦେଖିସାରିଛୁ ଓ ଆମର ସାକ୍ଷୀ ସ୍ୱଚକ୍ଷୁରେ ଦର୍ଶନ ଦ୍ୱାରା ପ୍ରମାଣିତ । ଏହା କୌଣସି କିସା କାହାଣୀ ନୁହେଁ । ସେ ବ୍ୟକ୍ତିର ଦୁଆ କାହିଁକି ଗ୍ରହଣୀୟ ହେବ ଓ ତାଙ୍କୁ  କାହିଁକି ଦୁଃଖ ଓ କଷ୍ଟ ସମୟରେ, ଯାହା ତା ନିକଟରେ ପ୍ରକୃତିର ନିୟମ ବିରୋଧୀ ଅଟେ, ଦୁଆ କରିବା ପାଇଁ ସାହାସ ହେବ, ଯିଏ ଖୁଦାଙ୍କୁ ପ୍ରତ୍ୟେକ କାର୍ଯ୍ୟ କରିବାରେ ପୁର୍ଣ୍ଣ ରୂପେ ସକ୍ଷମ ବୋଲି ଭାବୁନାହିଁ । କିନ୍ତୁ ହେ ସୌଭାଗ୍ୟଶାଳୀ ମାନବ ତୁମେ ଏପରି କରନାହିଁ । ତୁମର ଖୁଦା ସେ ଅଟନ୍ତି ଯିଏ ଅସଂଖ୍ୟ ତାରାକୁ ବିନା ଖୁଂଟିରେ ଓହଳାଇ ରଖିଛି । ଏବଂ ଯିଏ ପୃଥିବୀ ଓ ଆକାଶକୁ କେବଳ ଶୁନ୍ୟରୁ ଜନ୍ମାଇଛନ୍ତି । ତୁମେ କଣ ତା ଉପରେ କୁଧାରଣା ରଖିଛ ଯେ ସେ ତୁମ କାମ କରିବାକୁ ଅସମର୍ଥ ବୋଲି ବରଂ ତୁମର କୁଧାରଣା ତୁମକୁ ବଂଚିତ କରାଇବ । ଆମ ଖୁଦାଙ୍କଠାରେ ଅସଂଖ୍ୟ ବିଚିତ୍ରତା ଅଛି କିନ୍ତୁ ସେ ଦେଖିପାରୁଛନ୍ତି ଯିଏ ନିଷ୍ପାପର ଭାବେ ତାʼର ହୋଇଛନ୍ତି, ଯିଏ ତା କୁଦ୍‌ରତ୍(ଶକ୍ତି) ଉପରେ ବିଶ୍ୱାସ ରଖୁନାହିଁ ଏବଂ ତାର ସଚ୍ଚା ଭକ୍ତ ନୁହେଁ ତାଙ୍କ ଉପରେ ସେ ସେହି ବିଚିତ୍ରତାକୁ ପ୍ରକଟ କରାଇବେ ନାହିଁ । କେଡ଼େ ଅଭାଗା ମଣିଷ ସେ ଯାହାକୁ ଏପର୍ଯ୍ୟନ୍ତ ଜଣାନାହିଁ ଯେ ତାର ଜଣେ ପ୍ରଭୁ ଅଛନ୍ତି ଯିଏ ପ୍ରତ୍ୟେକ କାର୍ଯ୍ୟ କରିବାରେ ସକ୍ଷମ ଅଟନ୍ତି । ଆମର ସ୍ୱର୍ଗ ହେଉଛନ୍ତି ଆମର ଖୁଦା । ଆମର ସମ୍ପୂର୍ଣ୍ଣ ଆନନ୍ଦ ଆମ ଖୁଦାଙ୍କ ନିକଟରେ ଅଛି । କାରଣ ଆମେ ତାକୁ ଦେଖିସାରିଛୁ ଏବଂ ପ୍ରତ୍ୟେକ ସୌନ୍ଦର୍ଯ୍ୟ ତାଙ୍କଠାରେ ନିହିତ ଅଛି । ଏପରି ଧନକୁ ନେବା ଆବଶ୍ୟକ ଯଦିଚ ଜୀବନ ଦେବାଦ୍ୱାରା ଏହା ମିଳିଥାଏ । ଏବଂ ଏ ମାଣିକ କ୍ରୟ କରିବାର ବସ୍ତୁ ଅଟେ ଯଦିଚ ସବୁକିଛି ଦେଇ ହାସଲ କରିବାକୁ ପଡ଼େ । ହେ ବଂଚିତ ଲୋକମାନେ ! ଏହି ଝରଣା ଆଡ଼କୁ ଦୌଡ଼ି ଆସ, ଯଦ୍ୱାରା ସେ ତୁମର ତୃଷ୍ଣା ମେଂଟାଇବ । ଏହା ହେଉଛି ଜୀବନର ଝରଣା ଯିଏ ତୁମକୁ ବଂଚାଇବ । ମୁଁ କଣ କରିବି ଏବଂ କିପରି ଏହି ସୁସମ୍ବାଦକୁ ସମସ୍ତଙ୍କ ହୃଦୟରେ

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପହଂଚାଇବି । କେଉଁ ଢ଼ୋଲ ଦ୍ୱାରା ବଜାରରେ ନାଗରା ଦେବି ଯେ ତୁମର ଏପରି ଖୁଦା ଅଛନ୍ତି ଯଦ୍ୱାରା ଲୋକମାନେ ଶୁଣିନେବେ ଓ କି ଔଷଧ ଦ୍ୱାରା ଚିକିତ୍ସା କରିବି ଯାହାଫଳରେ ଶୁଣିବା ପାଇଁ ଲୋକଙ୍କର କାନ ଖୋଲିବ ।

ଯଦି ତୁମେ ଅଲ୍ଲାଃଙ୍କ ହୋଇଯିବ ନିଶ୍ଚିତ ରୂପେ ଜାଣିରଖ ଯେ ଅଲ୍ଲାଃ ତୁମର ଅଟନ୍ତି । ତୁମେ ଶୋଇରହିଥିବ, ଅଲ୍ଲାଃତାଲା ତୁମ ପାଇଁ ଜାଗିବ । ତୁମେ ଶତ୍ରୁଙ୍କ ପ୍ରତି ସାବଧାନ ନଥିବ କିନ୍ତୁ ଖୁଦା ତାକୁ ଦେଖିନେବେ ଓ ଶତ୍ରୁର ଯୋଜନାକୁ ପଣ୍ଡ କରିଦେବେ । ତୁମେ ଏପର୍ଯ୍ୟନ୍ତ ଜାଣିନାହିଁ ଯେ ତୁମ ଖୁଦାଙ୍କ ନିକଟରେ କି କି ଶକ୍ତି ରହିଛି । ଯଦି ତୁମେ ଜାଣନ୍ତ ତେବେ ତୁମ ଉପରେ କୌଣସି ଦିନ ବିତନ୍ତା ନାହିଁ ଯେ ତୁମେ  ସଂସାର ପାଇଁ ବହୁତ ଦୁଃଖୀ ହୋଇଯାଆନ୍ତ । ଜଣେ ବ୍ୟକ୍ତି ଯିଏ ଗୋଟିଏ ଖଜାନା ନିଜ ପାଖରେ ରଖିଥାଏ ସେ କଣ ଗୋଟିଏ ପଇସା ନଷ୍ଟ ହେବାଦ୍ୱାରା କାନ୍ଦିଥାଏ ବା ଚିଲାଇଥାଏ ଓ ସେ କଣ ମରିବାକୁ ଲାଗିଥାଏ । ଯଦି ତୁମକୁ ଏହି ଖଜାନା (ଧନ ଭଣ୍ଡାର)ର ଏତଲା ଥାଆନ୍ତା ଯେ ଖୁଦା ତୁମର ପ୍ରତ୍ୟେକ ଦରକାର ସମୟରେ କାମରେ ଆସିବେ ବୋଲି ତେବେ ତୁମେ ସଂସାର ପାଇଁ କାହିଁକି ବିଚଳିତ ହୁଅନ୍ତ । ଖୁଦା ହେଉଛନ୍ତି ଏକ ପ୍ରିୟ ଖଜାନା । ତାଙ୍କର ଆଦର କରନ୍ତୁ । ଫଳତଃ ସେ ତୁମକୁ ପାଦେ ପାଦେ ସାହାଯ୍ୟ କରିବେ । ତାଙ୍କ ବିନା ତୁମେ କିଛି ନୁହଁ ଓ ନା ତୁମର ଉପକରଣ ଓ ନା ତୁମର ଉପାୟ କିଛି ଅଟେ । ଅନ୍ୟ କୌମ୍(ଜାତି)ର ପଦାଙ୍କ ଅନୁକରଣ କରନାହିଁ କାରଣ ସେମାନେ ସମ୍ପୂର୍ଣ୍ଣ ରୂପେ ପାର୍ଥିବ ଉପକରଣ ଉପରେ ପଡ଼ି ରହିଛନ୍ତି ଯେପରି ସାପ ମାଟି ଖାଇଥାଏ ସେମାନେ ମଧ୍ୟ ନୀଚ ଉପକରଣର ମାଟି ଖାଇଛନ୍ତି । ଯେପରି ଶାଗୁଣା ଓ କୁକୁର ମୁର୍ଦ୍ଦାର ଖାଇଥାନ୍ତି ସେମାନେ ମଧ୍ୟ ମୁର୍ଦ୍ଦାର ଉପରେ ଦାନ୍ତ ମାରି ଖୁଦାଙ୍କ ଠାରୁ ବହୁତ ଦୂରରେ ପଡ଼ିଛନ୍ତି । ମଣିଷ ପୂଜା କଲେ ଓ ଖିନ୍‌ଜୀର (ଘୁଷୁରି) ଖାଇଲେ ଓ ମଦକୁ ପାଣି ପରି ବ୍ୟବହାର କଲେ ଏବଂ ମାତ୍ରାଧିକ ଉପକରଣ ଉପରେ ପଡ଼ିବା ଦ୍ୱାରା ଏବଂ ଅଲ୍ଲାଃଙ୍କ ଠାରୁ ଶକ୍ତି ନମାଗିବା ଦ୍ୱାରା ତାଙ୍କର ମୃତ୍ୟୁ ହେଲା । ସ୍ୱର୍ଗୀୟ ଆତ୍ମା ତାଙ୍କଠାରୁ ଏପରି ବାହାରି ଚାଲିଗଲା ଯେପରି ବସାରୁ କାବୁତି ଉଡ଼ି ଚାଲିଯାଏ । ସେମାନେ ସାଂସାରିକ ଉପାସକ ରୂପକ କୁଷ୍ଠ ରୋଗରେ ପିଡ଼ୀତ । ଯିଏ ତାଙ୍କର ସମସ୍ତ ଅନ୍ତରର ଅଙ୍ଗକୁ କାଟି ଦେଇଛି ତେଣୁ ତୁମେ ଏପରି କୁଷ୍ଠ ରୋଗକୁ ଭୟକର । ମୁଁ ତୁମକୁ ଏକ ସୀମା ପର୍ଯ୍ୟନ୍ତ ଉପକରଣକୁ ବ୍ୟବହାର କରିବା ପାଇଁ ମନା କରୁନାହିଁ ବରଂ ସେଥିରୁ  ମନା କରୁଛି ଯେ ତୁମେ ଅନ୍ୟ କୌମ୍‌ଙ୍କ ପରି କେବଳ ଉପକରଣର ଭକ୍ତ ହୁଅନାହିଁ ଏବଂ ସେ ଖୁଦାଙ୍କୁ ଭୁଲି ନଯାଅ ଯିଏ ଉପକରଣ ଗୁଡିକୁ ବ୍ୟବହାର କରିବା ପାଇଁ ତୁମକୁ ଦେଇଛନ୍ତି । ଯଦି ତୁମର ଆଖି ଅଛି ତେମେ ତୁମେ ଦେଖିପାରିବ ଯେ କେବଳ ଖୁଦା ହିଁ ଖୁଦା । ତାଙ୍କ ଛଡ଼ା ବାକି ସବୁ ନ୍ୟୁନ । ତୁମେ ହାତକୁ ସିଧା କରିପାରିବ ନାହିଁ ନା ଏକାଠି କରିପାରିବ । କିନ୍ତୁ ତାର ଅନୁମତି କ୍ରମେ । ଜଣେ ମୁର୍ଦ୍ଦାର ଏହା ଉପରେ ହସୁଥାଏ କିନ୍ତୁ ଯଦି ସେ ମରିଯାଇଥାନ୍ତା ତେବେ ସେଇ ହସଠାରୁ ତାହା ଭଲହୋଇଥାନ୍ତା । ଖବରଦାର!!! ତୁମେ ଅନ୍ୟ କୌମ୍‌କୁ ଦେଖି ତାଙ୍କ ସହିତ ଦୌଡ଼ ନାହିଁ ଯେ ସେମାନେ  ସଂସାରରେ ଯୋଜନାବଦ୍ଧ ରୂପେ ବହୁତ ଉନ୍ନତି କରିଯାଇଛନ୍ତି, ତେଣୁ ଆସ ଆମେ ମଧ୍ୟ ତାଙ୍କ ପାଦରେ ପାଦ ମିଶାଇ ଚାଲିବା । ଶୁଣ ଏବଂ ବୁଝ ଯେ ସେମାନେ ସେହି ଖୁଦାଙ୍କ ଠାରୁ ବହୁତ ଅପରିଚିତ ଓ ଅସାବଧାନ ଅଟନ୍ତି । ଯିଏ ତୁମକୁ ନିଜ ଆଡ଼କୁ ଡାକୁଛି ସେମାନଙ୍କର ଖୁଦା କି ଜିନିଷ ? କେବଳ ଏକ ନିମିତ ମନୁଷ୍ୟ ଅଟେ । ସେଥିଯୋଗୁଁ ସେମାନଙ୍କୁ ଅଚେତ ଅବସ୍ଥାରେ ଛାଡ଼ି ଦିଆଯାଇଛି । ମୁଁ ତୁମକୁ ଦୁନିଆ କମେଇବା ପାଇଁ ଏବଂ କୌଣସି ବୃତି ଆପଣେଇବା ପାଇଁ ମନା କରୁନାହିଁ । କିନ୍ତୁ ତୁମେ ସେ ଲୋକମାନଙ୍କର ଅନୁସରଣ କରନାହିଁ ଯେଉଁମାନେ ଏ ସଂସାରକୁ ସବୁକିଛି ବୋଲି ଭାବି ନେଇଛନ୍ତି । ତୁମର ପ୍ରତ୍ୟେକ କାର୍ଯ୍ୟ ସାଂସାରିକ ହେଉ ବା ଧାର୍ମିକ ହେଉ ସେଥିପାଇଁ ଅଲ୍ଲାଃଙ୍କଠାରୁ ଶକ୍ତି ଏବଂ ସାମର୍ଥ୍ୟ ମାଗିବାର ସିଲସିଲା ଲାଗି ରହିବା ଉଚିତ୍ । କିନ୍ତୁ ତାହା କେବଳ ଶୁଖିଲା ଓଠ ଦ୍ୱାରା ନୁହେଁ ବରଂ ତୁମର ପ୍ରକୃତରେ ଏହି ବିଶ୍ୱାସ ରହିବା ଉଚିତ୍ ଯେ ପ୍ରତ୍ୟେକ ବରକତ୍ ଆକାଶରୁ ହିଁ ଅବତୀର୍ଣ୍ଣ ହୋଇଥାଏ ।

**(କଶ୍‌ତିନୁହ୍, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୨୦-୩୦)**

▪▪▪▪▪▪▪▪▪▪▪▪▪

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ଓ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM    (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100    (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200    (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)
(ଅଖିବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

● ● ● ● ● ● ● ● ● ● ● ●

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

● ● ● ● ● ● ● ● ● ● ●

# ଖୁତ୍‌ବା ଜୁମା

## ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ବତେଇଛନ୍ତି ଯେ ପ୍ରତ୍ୟେକ ପ୍ରକାରର କଠୋରତାବାଦ ଓ ସନ୍ତ୍ରାସବାଦ ଓ ଅତ୍ୟାଚାର ଇସ୍‌ଲାମ୍ ଶିକ୍ଷାର ବିରୋଧୀ ଅଟେ ।

◆ସୃଷ୍ଟିର ପ୍ରାରମ୍ଭରୁ ପ୍ରତ୍ୟେକ ଦେଶର ନ୍ୟାୟବନ୍ତମାନେ ଏହି ସାକ୍ଷୀ ଦେଇଛନ୍ତି କି ଅଲ୍ଲାଃଙ୍କ ଆଦେଶ ପାଳନ କରିବାରେ ହିଁ ମଣିଷର କୃତିତ୍ୱ ଓ ତାହାର ଜୀବିତ ରହିବା ନିମନ୍ତେ ସଂଞ୍ଜୀବନି ରୂପକ ଜଳ ଅଟେ । ଅତଏବ ଅଲ୍ଲାଃଙ୍କ ଗୁଣ ଓ ଆଚରଣର ଅନୁସରଣ କର ତେବେଯାଇ ତୁମେ ଶାରୀରିକ ତଥା ଆଧାତ୍ମିକ ସ୍ତରରେ ଜୀବିତ ରହିପାରିବ । ଅଲ୍ଲାଃଙ୍କ ପବିତ୍ର ଗୁଣର ଅନୁସରଣ କର ତାହା ହିଁ ସଲାମତି (ସୁରକ୍ଷା)ର ଉତ୍ସ ଅଟେ ।

◆ଦେଖ ଅଲ୍ଲାଃ ପବିତ୍ର କୋରାନର ଆରମ୍ଭ ହିଁ ଏହି ପଙ୍କ୍ତିଂରୁ କଲେ କି **ଅଲ୍‌ହମଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍** ଅର୍ଥାତ ସେ ସତ୍ୟ ଓ ପୂର୍ଣ୍ଣ ଅଲ୍ଲାଃ ଯାହାଙ୍କ ଉପରେ ବିଶ୍ୱାସ ଆଣିବା ପ୍ରତ୍ୟେକ ଭକ୍ତଙ୍କ କର୍ତବ୍ୟ ସେ ସମସ୍ତ ଜଗତର ପାଳନକର୍ତା । ତାଙ୍କର ଏହି ଆଚରଣ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ସିମିତ ନୁହେଁ, ନା କୌଣସି ନିର୍ଦ୍ଦିଷ୍ଟ ସମୟ କିମ୍ବା ଦେଶ ମଧ୍ୟରେ ସିମିତ ଅଟେ । ବରଂ ସେ ସମସ୍ତ ଧର୍ମାବଲମ୍ବୀମାନଙ୍କର ତଥା ଯୁଗ, ସ୍ଥାନ ଓ ଦେଶର ପାଳନକର୍ତା ଏବଂ ସମସ୍ତ କୃପାର ଉତ୍ସ ଅଟନ୍ତି । ସମସ୍ତ ଶାରୀରିକ ଓ ଆଧାତ୍ମିକ ଶକ୍ତି ତାଙ୍କରିଠାରୁ ଲାଭ ହୋଇଥାଏ ଏବଂ ସେ ହିଁ ସମସ୍ତଙ୍କର ସାହା ଭରଶା ।

◆ସୁତରାଂ ଏହା ସେହି ଶିକ୍ଷା ଓ ରହସ୍ୟ ଯାହାକି ହଜରତ ମସିହ ମଉଦ ଆ.ସ ପବିତ୍ର କୋରାନରୁ ଆମକୁ ଶିକ୍ଷା ଦେଲେ ଏବଂ ଏହା ଏକ ମାତ୍ର ପନ୍ଥା ଯାହା ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଆବଶ୍ୟକ ଓ ଏହା ହିଁ ସନ୍ଧି ସ୍ଥାପନର ମୂଳମନ୍ତ । ଏହି ବାର୍ତା ଜମାଅତ ଅହେମଦିୟାର ସଦସ୍ୟମାନେ ସଂସାରର କୋଣେ କୋଣେ ପହଁଚାଇବାରେ ସର୍ବଦା ଚେଷ୍ଟାରତ ଏବଂ ହେବା ମଧ୍ୟ ଉଚିତ୍ ।

◆ସୁତରାଂ ଯେତେବେଳେ ଆମେ ଏହି ଶିକ୍ଷା ମାଧ୍ୟମରେ ସଂସାରବାସୀଙ୍କୁ ଶାନ୍ତି, ଭାତୃଭାବ ଓ ସନ୍ଧିର ମାର୍ଗ ଦର୍ଶାଇ ଥାଉ ସେତେବେଳେ ଅଧିକାଂଶ ନିର୍ମଳ ସ୍ୱଭାବୀ ବେଅଖତିଆର ଭାବରେ କହି ଉଠିଥାନ୍ତି କି ଇସଲାମର ଶିକ୍ଷା ତ ଅତ୍ୟନ୍ତ ସୁନ୍ଦର ଅଟେ । ମୋର ଜର୍ମାନୀ ଗସ୍ତରେ ମଧ୍ୟ ଏହି କିସମର ଘଟଣା ଘଟିଲା ।

◆ଲର୍ଡ଼ ମେୟର ନିଜର ମତ ପ୍ରକାଶ କରି କହିଲେ- ଦୁଃଖଦ ଯେ ମୁସଲମାନମାନଙ୍କ ଉପରେ ଏପରି ଅଭିଯୋଗ କରାଯାଉଛି ଏବଂ ସେମାନଙ୍କୁ ପ୍ରତିଉତରରେ ଉକ୍ତ ଅଭିଯୋଗକୁ ଭୂଲ ପ୍ରମାଣିତ କରିବା ନିମନ୍ତେ ତଥ୍ୟ ଦେବାକୁ ପଡୁଅଛି । ଯେତେବେଳେ କି ଜଣେ ପାଶ୍ଚାତ୍ୟ ଦେଶର ବ୍ୟକ୍ତି କିମ୍ବା ଖ୍ରୀଷ୍ଟଧର୍ମୀ ଯଦି କୌଣସି ଅତ୍ୟାଚାର ମୂଳକ କାର୍ଯ୍ୟ କରେ ଯେମିତି Norwayରେ ଜଣେ ହତ୍ୟାକାରୀ ଖ୍ରୀଷ୍ଟଧର୍ମ ନାମରେ ହତ୍ୟା କରିଥିଲା, ସେତେବେଳେ କେହି ଜଣେ ହେଲେ ମଧ୍ୟ କହି ନଥିଲେ ଯେ ଏଥିପାଇଁ ଖ୍ରୀଷ୍ଟଧର୍ମ ଦାୟୀ ।

◆ଅଲ୍ ଜଜାୟର୍ ଓ ପାକିସ୍ତାନ ଏବଂ ଦୁନିଆର ଉକ୍ତ ଦେଶମାନଙ୍କର ଅହେମଦୀମାନଙ୍କ ନିମନ୍ତେ ଯେଉଁଠି ଅହେମଦୀୟତ୍‌ର ଅଧିକ ବିରୋଧ କରାହେଉଛି, ସେମାନଙ୍କ ପାଇଁ ବିଶେଷ ଦୁଆ କରିବା ପାଇଁ ହଜୁର୍ ଅନୱ୍ୱର୍‌ଙ୍କର ଉପଦେଶ ।

**ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍ତ: ୨୮ ଏପ୍ରିଲ୍ ୨୦୧୭ ଅନୁଯାୟୀ ୨୮ ଶାହାଦତ୍ ୧୩୯୬ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱ୍ୱର ଅ:ବ କହିଲେ- ପ୍ରେସ୍‌ର ପ୍ରତିନିଧି କିମ୍ବା ଅଣମୁସଲମାନମାନଙ୍କ ସହ ବସି କଥା ହେବା କିମ୍ବା ପ୍ରଶ୍ନ ଉତର କରିବା ସମୟରେ ସେମାନେ ସିଧାସଳଖ ଭାବରେ ହେଉ ଅବା କୌଣସି ମାଧ୍ୟମରେ ଏହା ନିଶ୍ଚିତ ପଚାରିଥାନ୍ତି ଯେ, ଇସଲାମ ପ୍ରତି ଲୋକମାନଙ୍କ ମନରେ ଯେଉଁ ଭୟ ରହିଛି ଏହାର କାରଣ କ'ଣ ଏବଂ ଏହା କିଭଳି ଦୂର ହେବ? କେତେକ ମୁକ୍ତ ଭାବରେ ତ କେତେକ ଧିର ଶ୍ୱରରେ କହିଥାନ୍ତି କିମ୍ବା କହିବାକୁ ଚାହିଁଥାନ୍ତି କି ସମ୍ଭବତଃ ଏହାର କାରଣ ଇସଲାମୀୟ ଶିକ୍ଷା ଅଟେ । ତେବେ ଏଥର ମଧ୍ୟ ଜର୍ମାନୀର ଜଣେ ସାମ୍ବାଦିକ ଏହି ପ୍ରଶ୍ନ କରିଥିଲେ କି ଜର୍ମାନୀରେ ଇସଲାମ ପ୍ରତି ଭୟ ବଢୁଅଛି, ଏଥି ସମ୍ବନ୍ଧରେ ଆପଣ କ'ଣ କହିବେ । ହଜୁର ଅନୱ୍ୱର ଅ.ବ କହିଲେ ଏଭଳି ପ୍ରଶ୍ନ ଆମ୍ଭ ପ୍ରଚାରର ମାର୍ଗ ଖୋଲି ଦେଇଥାଏ । ଯଦି ଏହି ଭୟ ବଢୁଅଛି ତେବେ ଏହା କେବଳ କେତେକ ମୁସଲମାନ ଦଳ କିମ୍ବା ଲୋକ ଇସଲାମ ନାମରେ ଅପକର୍ମ ଓ କଠୋରପନ୍ଥା ଅବଲମ୍ବନ କରିବା ଯୋଗୁଁ ହେଉଛି । ଏସବୁ ହଜରତ ମହମ୍ମଦ ସ.ଆଙ୍କ ଭବିଷ୍ୟବାଣୀ ମୁତାବକ ଘଟୁଅଛି ଏବଂ ଏପରି ସମୟରେ ହିଁ ପ୍ରତିଶ୍ରୁତ ମସିହ ଓ ମେହେଦିଙ୍କ ଆଗମନର ହଜୁର ସ.ଆ ସୁସମ୍ବାଦ ଦେଇଥିଲେ, ଯାହାଙ୍କ ନିମନ୍ତେ ଇସଲାମର ପ୍ରକୃତ ଶିକ୍ଷାକୁ ସଂସାରରେ ପ୍ରଚାର ପ୍ରସାର କରିବା ଧାର୍ଯ୍ୟ ଥିଲା । ଆମ୍ଭର ବିଶ୍ୱାସ ଯେ ଜମାଅତ ଅହେମଦିୟାର ସଂସ୍ଥାପକ ହିଁ ସେହି ପ୍ରତିଶ୍ରୁତ ମସିହ ଯାହାଙ୍କ ଆସିବାର ହଜୁର

ସ.ଆ ସୂଚନା ଦେଇଥିଲେ । ସୁତରାଂ ଆମ୍ଭର ପ୍ରତିକ୍ରିୟା ତାଙ୍କର (ପ୍ରଦତ) ଶିକ୍ଷା ମୁତାବକ ଅଟେ, ଯାହାକି ହଜରତ ମସିହ ମଉଦ ଆ.ସ ଆମ୍ଭକୁ ପ୍ରଦାନ କଲେ କି ଇସଲାମର ପୂର୍ଣ୍ଣ ଶାନ୍ତି ଓ ସୁରକ୍ଷାର ଶିକ୍ଷାକୁ ସର୍ବତ୍ର ପ୍ରଚାର ପ୍ରସାର କର ।

ହଜରତ ମସିହ ମଉଦ ଆ.ସ ଆମ୍ଭକୁ ଶିକ୍ଷା ଦେଲେ କି ସମସ୍ତ ପ୍ରକାରର କଠୋରତାବାଦ, ଉଗ୍ରବାଦ ଓ ଅତ୍ୟାଚାର ମୂଳକ କାର୍ଯ୍ୟ ଇସଲାମୀୟ ଶିକ୍ଷା ବିରୋଧୀ ଅଟେ । ଆପଣ ଆହୁରି କହିଛନ୍ତି ଯେ ସୃଷ୍ଟିର ପ୍ରାରମ୍ଭରୁ ପ୍ରତ୍ୟେକ ଦେଶର ନ୍ୟାୟବନ୍ତମାନେ ଏହି ସାକ୍ଷୀ ଦେଇଛନ୍ତି କି ଅଲ୍ଲାହ୍ଙ୍କ ଆଦେଶ ପାଳନ କରିବାରେ ହିଁ ମଣିଷର କୃତିତ୍ୱ ଓ ତାହାର ଜୀବିତ ରହିବା ନିମନ୍ତେ ସଂଜୀବନି ରୂପକ ଜଳ ଅଟେ । ଅତଏବ ଅଲ୍ଲାହ୍ଙ୍କ ଗୁଣ ଓ ଆଚରଣର ଅନୁସରଣ କର ତେବେଯାଇ ତୁମେ ଶାରୀରିକ ତଥା ଆଧାତ୍ମିକ ସ୍ତରରେ ଜୀବିତ ରହିପାରିବ । ଅଲ୍ଲାହ୍ଙ୍କ ପବିତ୍ର ଗୁଣର ଅନୁସରଣ କର ତାହା ହିଁ ସଲାମତି (ସୁରକ୍ଷା)ର ଉତ୍ସ ଅଟେ ।

ସୁତରାଂ ଅଲ୍ଲାହ୍ ଯେ କି ସୁରକ୍ଷାର ଉତ୍ସ ଅଟନ୍ତି । ସେ ଜଣେ ମୁସଲମାନ ଠାରୁ ଏହା ଆଶା ବାନ୍ଧିଥାନ୍ତି ଏବଂ ଏହା ହିଁ ପବିତ୍ର କୋରାନର ଆଦେଶ ଅଟେ, କି ତାଙ୍କରି ଗୁଣ ଓ ଆଚରଣକୁ ଆପଣାଅ । ଦେଖ ଅଲ୍ଲାହ୍ ପବିତ୍ର କୋରାନର ଆରମ୍ଭ ହିଁ ଏହି ପଙ୍କ୍ତିରୁ କଲେ କି **ଅଲ୍ହମଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍** ଅର୍ଥାତ ସେ ସତ୍ୟ ଓ ପୂର୍ଣ୍ଣ ଅଲ୍ଲାହ୍ ଯାହାଙ୍କ ଉପରେ ବିଶ୍ୱାସ ଆଣିବା ପ୍ରତ୍ୟେକ ଭକ୍ତଙ୍କ କର୍ତବ୍ୟ ସେ ସମସ୍ତ ଜଗତର ପାଳନକର୍ତା । ତାଙ୍କର ଏହି ଆଚରଣ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ ସିମିତ ନୁହେଁ, ନା କୌଣସି ନିର୍ଦ୍ଦିଷ୍ଟ ସମୟ କିମ୍ବା ଦେଶ ମଧ୍ୟରେ ସିମିତ ଅଟେ । ବରଂ ସେ ସମସ୍ତ ଧର୍ମାବଲମ୍ବୀମାନଙ୍କର ତଥା ଯୁଗ, ସ୍ଥାନ ଓ ଦେଶର ପାଳନକର୍ତା ଏବଂ ସମସ୍ତ କୃପାର ଉତ୍ସ ଅଟନ୍ତି । ସମସ୍ତ ଶାରୀରିକ ଓ ଆଧାତ୍ମିକ ଶକ୍ତି ତାଙ୍କରିଠାରୁ ଲାଭ ହୋଇଥାଏ ଏବଂ ସେ ହିଁ ସମସ୍ତଙ୍କର ସାହା ଭରଶା ।

ସୁତରାଂ ଏହା ସେହି ଶିକ୍ଷା ଓ ରହସ୍ୟ ଯାହାକି ହଜରତ ମସିହ ମଉଦ ଆ.ସ ପବିତ୍ର କୋରାନରୁ ଆମକୁ ଶିକ୍ଷା ଦେଲେ ଏବଂ ଏହା ଏକ ମାତ୍ର ପନ୍ଥା ଯାହା ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଆବଶ୍ୟକ ଓ ଏହା ହିଁ ସନ୍ଧି ସ୍ଥାପନର ମୂଳମନ । ଏହି ବାର୍ତା ଜମାଅତ ଅହେମଦିୟାର ସଦସ୍ୟମାନେ ସଂସାରର କୋଣେ କୋଣେ ପହଁଚାଇବାରେ ସର୍ବଦା ଚେଷ୍ଟାରତ ଏବଂ ହେବା ମଧ୍ୟ ଉଚିତ୍ । ସୁତରାଂ ଯଦି କିଛି ଲୋକ ଇସଲାମ ନାମରେ ଯେଉଁ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି, ତାହା ଇସଲାମର ଶିକ୍ଷା ଯୋଗୁଁ ନୁହେଁ ବରଂ ଇସଲାମର ଶିକ୍ଷାଠାରୁ ଦୂରେଇବା ଏବଂ ଅଲ୍ଲାହ୍ଙ୍କ ପ୍ରେରିତ ତଥା ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସଙ୍କୁ ଅସ୍ୱୀକାର କରିବା ଯୋଗୁଁ ଘଟୁଅଛି ।

ସୁତରାଂ ଯେତେବେଳେ ଆମେ ଏହି ଶିକ୍ଷା ମାଧ୍ୟମରେ ସଂସାରବାସୀଙ୍କୁ ଶାନ୍ତି, ଭାତୃଭାବ ଓ ସନ୍ଧିର ମାର୍ଗ ଦର୍ଶାଇ ଥାଉ ସେତେବେଳେ ଅଧିକାଂଶ ନିର୍ମଳ ସ୍ୱଭାବୀ ବେଅଖତିଆର ଭାବରେ କହି ଉଠିଥାନ୍ତି କି ଇସଲାମର ଶିକ୍ଷା ତ ଅତ୍ୟନ୍ତ ସୁନ୍ଦର ଅଟେ । ମୋର ଜର୍ମାନୀ ଗସ୍ତରେ ମଧ୍ୟ ଏହି କିସମର ଘଟଣା ଘଟିଲା ।

Waldshut ସହରରେ ମସଜିଦ୍ ବୟତୁଲ୍ ଆଫିୟତ୍ର ଉଦ୍ଘାଟନୀ ଉତ୍ସବରେ ଜଣେ ଡ଼ାକ୍ତର କହିଲେ ମୁଁ ସାରାଜୀବନ ଶାନ୍ତି ପ୍ରିୟ ମୁସଲମାନ ଖୋଜିବାରେ ଅତିବାହିତ କଲି କିନ୍ତୁ ଆଜି ମୋର ସେହି ଅଭିଳାଷା ପୂରଣ ହେଲା । ଏଥିପାଇଁ ମୁଁ ନିଜକୁ ବହୁତ ଭାଗ୍ୟବାନ ମଣୁଅଛି ।

ଇଟାଲିର ଜଣେ ମହିଳା ନିଜ ବନ୍ଧୁଙ୍କ ସହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସେ କହିଲେ ମୋ ବନ୍ଧୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଡ଼ରୁଥିଲେ କାରଣ ଇସଲାମ ସମ୍ବନ୍ଧରେ ତାଙ୍କ ମନରେ ନକରାତ୍ମକ ଚିନ୍ତାଧାରା ଜମାଟ ବାନ୍ଧିଥିଲା କିନ୍ତୁ କାର୍ଯ୍ୟକ୍ରମରେ ଯୋଗଦେଇ ଇମାମ ଜମାଅତଙ୍କ ଅଭିଭାଷଣ ଶୁଣିବା ପରେ ତାଙ୍କର ଇସଲାମ ସମ୍ବନ୍ଧରେ ଚିନ୍ତାଧାରା ସମ୍ପୂର୍ଣ୍ଣ ରୂପେ ବଦଳିଗଲା । ଏପରିକି ସେଠାରେ ସେ ନିଜର ଏକ ମୁସଲମାନ ବନ୍ଧୁଙ୍କୁ ଫୋନ୍ ମାଧ୍ୟମରେ message କଲେ କି ଆଜି ମୁଁ ଜାଣିପାରିଛି ଯେ ତୁମ ଧର୍ମ କେତେ ସୁନ୍ଦର ।

ଆଉ ଜଣେ ଅତିଥି କହିଲେ ଏଠାରେ ଆପଣଙ୍କ ସମ୍ମିଳନୀରୁ ମୋତେ ମଧ୍ୟ କିଛି ବରକତ ସାଉଣିବାର ଅବସର ମିଳିଲା । ଏଠାକୁ ଆସିବା ମୋ ପାଇଁ ଗୌରବର କଥା ଯଦି ଆଜି ମୁଁ ଏଠାକୁ ଆସିନଥାନ୍ତି ତେବେ ନିଶ୍ଚିତ ଭାବରେ ବହୁତ ବଡ଼ ସୌଭାଗ୍ୟ ପ୍ରାପ୍ତିରୁ ବଂଚିତ ରହିଯାଇଥାନ୍ତି । ଜମାଅତ ଅହେମଦିୟା ମାଧ୍ୟମରେ ମୁଁ ପ୍ରକୃତ ଇସଲାମକୁ ଜାଣିପାରିଛି, Tvରେ ତ ଇସଲାମକୁ ଏକ କଠୋରବାଦ ଓ ଘୃଣା ସୃଷ୍ଟିକାରୀ ଧର୍ମ ଭାବରେ ଦେଖାଯାଉଛି । ଏଠାରୁ ମୋତେ କେବଳ ଶାନ୍ତି, ମୈତ୍ରୀ ଓ ଭଲପାଇବା ହାସଲ ହେଲା ଏବଂ କେବଳ ଶବ୍ଦ ନୁହେଁ ବରଂ ବାସ୍ତବରେ ପରସ୍ପରକୁ ଭଲପାଉଥିବା ବ୍ୟକ୍ତି ମିଳିଲେ, ଯେ ଘୃଣା ପସନ୍ଦ କରନ୍ତି ନାହିଁ । ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ପ୍ରତ୍ୟେକ ଅହେମଦିର ବ୍ୟକ୍ତିଗତ କାର୍ଯ୍ୟକଳାପ ମଧ୍ୟ ନିରବ ଧର୍ମ ପ୍ରଚାର ଅଟେ ।

ଆମ ପିଲାମାନେ ମଧ୍ୟ କିପରି ଲୋକମାନଙ୍କୁ ପ୍ରଭାବିତ କରିଥାନ୍ତି, ତାହାର ଚର୍ଚ୍ଚା କରିଦେଉଛି । ଜଣେ ମହିଳା ଅତିଥି ନିଜର ମତ ପ୍ରକାଶ କରି କହିଲେ ମୁଁ ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରୁଅଛି, ମୋ ପିଲାମାନଙ୍କର ଅହେମଦି ପିଲାଙ୍କ ସହ ବନ୍ଧୁତା ରହିଛି ଏବଂ ଯେଉଁ ଦିନଠାରୁ ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଛି । ସେହିଦିନଠାରୁ ମୁଁ ନିଜ ପିଲାମାନଙ୍କ ମଧ୍ୟରେ ଏକ ସକରାତ୍ମକ ଓ ଉତମ ପରିବର୍ତନ ପରିଲକ୍ଷିତ କରୁଅଛି । ତେଣୁ ମୁଁ ଆପଣଙ୍କର ଶିକ୍ଷା ସମ୍ବନ୍ଧରେ ଜାଣିବାକୁ ଚାହୁଁଥିଲି ଏବଂ ଆଜି ଏଠାକୁ ଆସି ମୁଁ ନିଶ୍ଚିନ୍ତ ଯେ ମୋ ପିଲାମାନେ ଉତମ ସାଥିମାନଙ୍କ ସହିତ ଓ ସୁରକ୍ଷିତ ଅଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଏବ ଏହା ନିରବ ଧର୍ମପ୍ରଚାର ଯାହାକି ଆମ ପିଲାମାନଙ୍କ ମାଧ୍ୟମରେ ହେଉଅଛି ଏବଂ ଏହା ଅହେମଦି ପିତାମାତାଙ୍କ ଉପରେ ଆହୁରି ଅଧିକ କାର୍ଯ୍ୟଭାର ନ୍ୟସ୍ତ କରୁଅଛି କି ନିଜ ପିଲାମାନଙ୍କ ପ୍ରଶିକ୍ଷଣର ସ୍ତର ବୃଦ୍ଧି କରିବା ସହିତ ସେମାନଙ୍କ ପାଇଁ ଦୁଆ କରିବା ଉଚିତ୍ । ଯଦ୍ୱାରା ଅହେମଦି ପିଲାମାନେ ସର୍ବଦା ଅନ୍ୟମାନଙ୍କ ଉପରେ ଉତମ ପ୍ରଭାବ ପକାଇବା ସହିତ ପରିବେଶର କୁପ୍ରଭାବରୁ ନିଜକୁ ରକ୍ଷା କରିପାରିବେ । ଭବିଷ୍ୟତରେ ଏହି ଉତମ ପ୍ରଭାବ ଦ୍ୱାରା **ଇନ୍ଶା ଅଲ୍ଲାହ୍** ସେହି ଅଣମୁସଲମାନ ପିଲାମାନଙ୍କ ମଧ୍ୟରୁ ଅନେକ ଅହେମଦିୟତରେ ଅନ୍ତର୍ଭୁକ୍ତ ହୋଇଯିବେ ।

ହଜୁର ଅନଓ୍ୱର ଅ.ବ Augsburg ନାମକ ଆଉ ଏକ ସହରରେ ମସଜିଦ୍ ବୟତୁଲ୍ ନସିରର ଉଦ୍ଘାଟନୀ ଉତ୍ସବ ସମ୍ବନ୍ଧରେ କହିଲେ ତାହା ଏକ ବଡ଼ ସହର ହେବା କାରଣରୁ ଅନେକ ସ୍ଥାନୀୟ ଶିକ୍ଷିତ ବ୍ୟକ୍ତି ତଥା ରାଜନେତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜଣେ ଅତିଥି ନିଜ ମତ ପ୍ରକାଶ କରି କହିଲେ ଆପଣ ଯେଉଁ ବାର୍ତା ପ୍ରଦାନ କଲେ ତାହା ଅତି ସୁନ୍ଦର ବାର୍ତା ଥିଲା । ମୋର ଶୁଭକାମନା ଆପଣମାନଙ୍କ ସହିତ ଯେ, ଆପଣମାନଙ୍କ ବାର୍ତା ଇସଲାମୀୟ ଦେଶର ଅଧିକାଂଶ ଲୋକମାନଙ୍କ ନିକଟରେ ପହଂଚୁ । ଏତତ୍ ଦ୍ୱାରା ହିଁ ସବୁଠାରୁ ଅଧିକ ଶାନ୍ତି ପ୍ରତିଷ୍ଠା ହେବ । ଅଲ୍ଲାହ୍ କରନ୍ତୁ କି ମୁସଲମାନ ଓ ମୁସଲମାନ ଦେଶବାସୀମାନେ ଏକଥା ବୁଝନ୍ତୁ କି ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଦାସ ମାଧ୍ୟମରେ ଯେଉଁ ଇସଲାମର ପୁନଃ ପ୍ରତିଷ୍ଠା ହେବା ଧାର୍ଯ୍ୟ ଥିଲା ତାଙ୍କ ସହ ସାମିଲ ହୋଇ ଏହି କାର୍ଯ୍ୟରେ

ତାଙ୍କର ସାହାଯ୍ୟ ସହଯୋଗ କରନ୍ତୁ ନା କି ବାଧକ, ବିରୋଧୀ ତଥା ଶତ୍ରୁ ସାଜନ୍ତୁ ।

ଜଣେ ଜର୍ମାନୀ ସ୍କୁଲ ଶିକ୍ଷକ ନିଜ ମତ ପ୍ରକାଶ କରି କହିଲେ ମୁଁ ନିଜ ସ୍କୁଲରେ ପିଲାମାନଙ୍କୁ ଇସଲାମ ସମ୍ବନ୍ଧରେ କୌଣସି ପ୍ରଶ୍ନର ଉତର ଦେଇପାରୁନଥିଲି କାରଣ Mediaରେ ଯାହା ପ୍ରସାରଣ କରାଯାଉଛି ତାହା ସମ୍ପୂର୍ଣ୍ଣ ରୂପେ ଇସଲାମ ବିରୋଧୀ ଅଟେ କିନ୍ତୁ ଆଜି ଇମାମ ଜମାଅତଙ୍କ ଅଭିଭାଷଣ ଶୁଣିବା ପରେ ମୋତେ ଅନେକ ତଥ୍ୟ ମିଳିଯାଇଛି । ବର୍ତମାନ ମୁଁ ପିଲାମାନଙ୍କୁ ଇସଲାମର ପ୍ରକୃତ ଶିକ୍ଷା ସହ ଅବଗତ କରାଇପାରିବି ।

ଆଉ ଜଣେ ମହିଳା କହିଲେ ଆପଣଙ୍କ କଥା ମୋତେ ବେଶ୍ ପ୍ରଭାବିତ କରିଛି । ମୁଁ ଜାଣି ନଥିଲି ଯେ ଇସଲାମର ଶିକ୍ଷା ଏତେ ସୁନ୍ଦର ଅଟେ । ବର୍ତମାନ ମୋ ମନରେ ପ୍ରଶ୍ନ ଉଠୁଛି ଯେ, ଏପରି ସୁନ୍ଦର ଶିକ୍ଷା ସତ୍ୱେ ଇସଲାମ କିପରି ଓ କାହିଁକି ବଦନାମ୍ ହେଲା ? ମୁଁ ଦୁଆ କରୁଛି ଆପଣଙ୍କ ଇସଲାମ ସମସ୍ତ ଲୋକମାନଙ୍କ ନିକଟରେ ପହଂଚୁ ଓ ପ୍ରସାର ଲାଭ କରୁ ।

Augsburg Universityର ଜଣେ ଅଧାପକ କହିଲେ ଇମାମ ଜମାଅତ ଯେଉଁ କଥା କହିଲେ ଯଦି ପ୍ରକୃତିରେ ତାହା ଆପଣଙ୍କ ବାର୍ତା ତେବେ ଆପଣମାନେ ବହୁତ ଉନ୍ନତି କରିବେ । ଏହି ବାର୍ତାରେ ସେ ଏପରି ପ୍ରଭାବିତ ହେଲେ ଯେ, Universityରେ ଏକ ପ୍ରଦର୍ଶନୀ ଲଗାଇବାର ପ୍ରସ୍ତାବ ଦେଲେ ଓ ଶୁଭ କାମନା ଜଣାଇଲେ କି ଜମାଅତ ସାଧାରଣ ଲୋକଙ୍କ ଗହଣରେ ଅଧିକରୁ ଅଧିକ ପରିଚିତ ହେଉ ଏବଂ ପ୍ରତ୍ୟେକଙ୍କ ନିକଟରେ ଆପଣଙ୍କ ବାର୍ତା ପହଂଚୁ ।

ଜଣେ ମହିଳା ଡ଼ାକ୍ତର କହିଲେ ଆପଣଙ୍କ ବାର୍ତା ମୋ ହୃଦୟରେ ଗଭୀର ପ୍ରଭାବ ପକାଇଛି, ବିଶେଷ କରି ଆପଣଙ୍କ ପ୍ରେମ ଓ ଶାନ୍ତିର ବାର୍ତା ଯଦି ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ପଡ଼ୋଶୀଙ୍କର କର୍ତବ୍ୟ ସମ୍ପାଦନକାରୀ ହୋଇଯାନ୍ତି, ଯେପରିକି ଇସଲାମୀୟ ଶିକ୍ଷା ରହିଛି ତେବେ ସଂସାର ଅତ୍ୟନ୍ତ ସୁନ୍ଦରମୟ ହୋଇଯିବ ।

ଆଉ ଜଣେ ମହିଳା କହିଲେ ଆପଣଙ୍କର ବିଶେଷ କରି ପଡ଼ୋଶୀମାନଙ୍କ ପ୍ରତି କର୍ତବ୍ୟ ସମ୍ପାଦନ କରିବାର ବାର୍ତା ବହୁତ ହୃଦୟ ସ୍ପର୍ଶୀଥିଲା । ଯଦି ଆମ୍ଭେ ଏହି ଶିକ୍ଷାର ଗୋଟିଏ ଅଂଶ ଉପରେ ମଧ୍ୟ ଅମଳ କରିବା ଆରମ୍ଭ କରିଦେବା ତେବେ ପୃଥିବୀ ଆଗ ଅପେକ୍ଷା ବହୁତ ଅଧିକ ଶାନ୍ତି ଓ ସମୃଦ୍ଧିରେ ଭରିଯିବ ।

ପ୍ରତିରକ୍ଷା ବିଭାଗ ସହ ଜଡ଼ିତ ଜଣେ ତୁର୍କୀ ଅତିଥି କହିଲେ ଆଜିର ଏହି ସମ୍ମିଳନୀ ଓ ଆପଣଙ୍କ ବାର୍ତାରେ ମୁଁ ବେଶ୍ ପ୍ରଭାବିତ । ଯଦି ଆପଣମାନେ ଏହିପରି ସ୍ଥାନେ ସ୍ଥାନେ ଇସଲାମର ବାର୍ତା ପହଁଚାନ୍ତି ତେବେ ଖୁବ୍ ଶିଘ୍ର ବହୁତ ଉନ୍ନତି ଲାଭ କରିନେବେ । ସେ କହିଲେ ମୁଁ ଜଣେ ସୁରକ୍ଷା କର୍ମୀ କିନ୍ତୁ ଏପରି ସୁନ୍ଦର ଆୟୋଜନ ଆଗରୁ କୌଣସିଠାରେ ଦେଖି ନଥିଲି । ଏଥିରୁ ମୁଁ ଅନେକ କିଛି ଶିଖିବାକୁ ପାଇଲି ।

ସିରିୟାର ଜଣେ ବନ୍ଧୁ ନିଜର ମତ ପ୍ରକାଶ କରି କହିଲେ ଆପଣ ଅନ୍ୟ ମୁସଲମାନମାନଙ୍କ ତୁଳନାରେ ବେଶ୍ ସୁନ୍ଦର ଭାବରେ ଇସଲାମୀୟ ଶିକ୍ଷାକୁ ଉପସ୍ଥାପନ କରୁଛନ୍ତି । ଆଗକୁ ମୁଁ ଆହୁରି ଅଧିକ ଏଥିସମ୍ବନ୍ଧରେ ଗବେଷଣା କରିବି ଏବଂ ସମ୍ଭବତଃ ଦିନେ ମୁଁ ମଧ୍ୟ ବୟତ କରି ଜମାଅତରେ ଅନ୍ତର୍ଭୁକ୍ତ ହୋଇଯିବି । ସେ କହିଲେ ଏଠାକୁ ଆସିବା ପୂର୍ବରୁ ମୁଁ ଶୁଣିଥିଲି ଯେ ଅହେମଦିମାନଙ୍କ କୋରାନ ଭିନ୍ନ ଅଟେ କିନ୍ତୁ ଆଜି ମୋ ନିକଟରେ ଏହି ତଥ୍ୟ ଭୂଲ ପ୍ରମାଣିତ ହୋଇଯାଇଛି ।

ହଜୁର ଅନଓ୍ୱର ଅ.ବ କହିଲେ ମାର୍‌ବର୍ଗ ଏକ ସହର ଅଟେ । ଯେଉଁଠାରେ ଆମ ମସଜିଦ୍‌ର ଶିଳାନ୍ୟାସ ହେଲା । ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜଣେ ମହିଳା କହିଲେ- ପଡ଼ୋଶୀମାନଙ୍କ ପ୍ରତି କର୍ତବ୍ୟ ସମ୍ପାଦନ କରିବା ସମ୍ବନ୍ଧୀୟ ଶିକ୍ଷା ମୋତେ ବେଶ୍ ପ୍ରଭାବିତ କରିଛି । ଜଣେ ଖ୍ରୀଷ୍ଟଧର୍ମୀ ଭାବରେ ମୁଁ ଅନ୍ତରରୁ କାମନା କରୁଛି ଯେ ଆମ ଧର୍ମାବଲମ୍ବୀମାନେ ମଧ୍ୟ ଏହି ଶିକ୍ଷାର ଅନୁସରଣ କରନ୍ତୁ ।

ଆଉ ଜଣେ ଅତିଥି କହିଲେ ଆପଣଙ୍କ ବକ୍ତବ୍ୟରେ ମହିଳାମାନଙ୍କୁ ମର୍ଯ୍ୟାଦା ପ୍ରଦାନକାରିବାର ଶିକ୍ଷା ଅତ୍ୟନ୍ତ ଚିତାକର୍ଷକ ଥିଲା । ଆପଣଙ୍କ ଧର୍ମରେ ପୁରୁଷ ଓ ମହିଳାମାନଙ୍କୁ ଅଧିକାର ଓ ମର୍ଯ୍ୟାଦା ପ୍ରଦାନ କରିବାରେ ଯେଉଁ ସମାନତା ରହିଛି ତାହା ମୋତେ ବହୁତ ପସନ୍ଦ ଆସିଲା ।

ଲର୍ଡ଼ ମେୟର ନିଜର ମତ ପ୍ରକାଶ କରି କହିଲେ- ଦୁଃଖଦ ଯେ ମୁସଲମାନମାନଙ୍କ ଉପରେ ଏପରି ଅଭିଯୋଗ କରାଯାଉଛି ଏବଂ ସେମାନଙ୍କୁ ପ୍ରତିଉତରରେ ଉକ୍ତ ଅଭିଯୋଗକୁ ଭୂଲ ପ୍ରମାଣିତ କରିବା ନିମନ୍ତେ ତଥ୍ୟ ଦେବାକୁ ପଡୁଅଛି । ଯେତେବେଳେ କି ଜଣେ ପାଶ୍ଚାତ୍ୟ ଦେଶର ବ୍ୟକ୍ତି କିମ୍ବା ଖ୍ରୀଷ୍ଟଧର୍ମୀ ଯଦି କୌଣସି ଅତ୍ୟାଚାର ମୂଳକ କାର୍ଯ୍ୟ କରେ ଯେମିତି Norwayରେ ଜଣେ ହତ୍ୟାକାରୀ ଖ୍ରୀଷ୍ଟଧର୍ମ ନାମରେ ହତ୍ୟା କରିଥିଲା, ସେତେବେଳେ କେହି ଜଣେ ହେଲେ ମଧ୍ୟ କହି ନଥିଲେ ଯେ ଏଥିପାଇଁ ଖ୍ରୀଷ୍ଟଧର୍ମ ଦାୟୀ ।

ଜଣେ ଅତିଥି ଶ୍ରୀମାନ ଜୁଲିୟା କୁହନ୍ତି- ଅତ୍ୟନ୍ତ ସୁନ୍ଦର ଭାବରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆପଣଙ୍କ ଏହି କଥା ମୋତେ ବେଶ୍ ଭଲ ଲାଗିଲା କି ଯଦି ଅଲ୍ଲାଃଙ୍କ ଭକ୍ତମାନଙ୍କ ପ୍ରତି ଥିବା କର୍ତବ୍ୟ ସମ୍ପାଦନ ନକରାଯାଏ ତେବେ ଅଲ୍ଲାଃଙ୍କ ଉପାସନା କରିବା ନିରର୍ଥକ ଅଟେ । ସେ କହିଲେ ଏଠାକୁ ଆସିବା ପୂର୍ବରୁ ମୋର ଏହି ଚିନ୍ତାଧାରା ଥିଲା କି ଇସଲାମ କଠୋରତାବାଦର ଶିକ୍ଷା ଦେଉଥିବ । କିନ୍ତୁ ଆଜି ଏହି କାର୍ଯ୍ୟକ୍ରମରେ ଯୋଗ ଦେବାପରେ ମୋର ଇସଲାମ ସମ୍ବନ୍ଧରେ ନକରାତ୍ମକ ଚିନ୍ତାଧାରା ସମ୍ପୂର୍ଣ୍ଣ ରୂପେ ଦୂର ହୋଇଯାଇଛି । ମୁଁ ଇସଲାମର ଶାନ୍ତି ଓ ପ୍ରେମର ଶିକ୍ଷାକୁ ବହୁତ ଭଲ ଭାବରେ ବୁଝିପାରିଛି ।

ହଜୁର ଅନଓ୍ୱର ମସଜିଦ୍‌ର ଉଦଘାଟନ ଓ ଶିଳାନ୍ୟାସ ଅବସରରେ Tv, Radio, Newspaper ମାଧ୍ୟମରେ coverage ର ଚର୍ଚ୍ଚା କରି କହିଲେ । ଏଥିମାଧ୍ୟମରେ କୋଟୀ କୋଟୀ ଲୋକଙ୍କ ନିକଟରେ ଜମାଅତର ଅର୍ଥାତ ପ୍ରକୃତ ଇସଲାମର ବାର୍ତା ପହଂଚିଲା । ହଜୁର ଅ.ବ କହିଲେ ଯେତେବେଳେ ମୁଁ କୌଣସି ଦେଶର ଗସ୍ତରେ ଯାଇଥାଏ ସେତେବେଳେ ତାହାର ଅବସ୍ଥା ମଧ୍ୟ ବୟାନ କରିଦେଇଥାଏ କିନ୍ତୁ ଏହି ଦେଶ ଇଂଲଣ୍ଡରେ ମଧ୍ୟ ଅଲ୍ଲାଃଙ୍କ କୃପାରୁ ଅନେକ କିଛି ଧର୍ମ ପ୍ରଚାରର କାର୍ଯ୍ୟ ହେଉଅଛି । ଇସଲାମର ପ୍ରକୃତ ଶିକ୍ଷା ସହ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ବିଭିନ୍ନ ସଂସ୍ଥା, ଜମାଅତର ପ୍ରଚାର ବିଭାଗ ଆଦି କାର୍ଯ୍ୟ କରୁଛନ୍ତି । ଉଦାହରଣ ସ୍ୱରୂପ ବିଗତ ଦିନରେ ଏକ Press Conference ଅନୁଷ୍ଠିତ ହେଲା । ପୁଣି ମାର୍ଚ୍ଚ ମାସରେ ଏକ ବଡ଼ ଧରଣର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯଦ୍ୱାରା କେବଳ ଏହି ଦେଶରେ ନୁହେଁ ବରଂ ସମଗ୍ର ସଂସାରରେ ଉକ୍ତ ବାର୍ତା ପହଂଚିଲା । ହଜୁର ଅନଓ୍ୱର Peace symposiumରେ ସାମିଲ ହୋଇଥିବା ଅତିଥିମାନଙ୍କର ମତାମତର ଚର୍ଚ୍ଚା କରି କହିଲେ- ଚର୍ଚ୍ଚର ଜଣେ ଓାରଡ଼ନ ଆସିଥିଲେ, ସେ କହିଲେ ଆପଣଙ୍କ ବାର୍ତା ଅତ୍ୟନ୍ତ ମନମୁଗ୍ଧକର ଓ ସୁନ୍ଦର ବାର୍ତା ଥିଲା । ଆଜିର ସମାଜକୁ ଯାହାର ଅତ୍ୟନ୍ତ ଆବଶ୍ୟକତା ରହିଛି ଅର୍ଥାତ ଏକତାର ବାର୍ତା । ମୋତେ ଇମମା ଜମାଅତଙ୍କର ଏକଥା ବହୁତ ପସନ୍ଦ ଆସିଲା ଯାହାକି ସେ ପବିତ୍ର କୋରାନର ଏକ ପଙ୍କ୍ତି ମାଧ୍ୟମରେ ଉପସ୍ଥାପନ କଲେ କି ବିଭିନ୍ନ ଧର୍ମାବଲମ୍ବିମାନଙ୍କ ମଧ୍ୟରେ ଥିବା ସମାନ ଆଦେଶରେ ଏକତ୍ରିତ ହେବା ଉଚିତ୍ । ଉପାସନାର ଏହି ବ୍ୟାକ୍ଷା ମୋତେ ବହୁତ ପସନ୍ଦ ଆସିଲା କି ପାଂଚ ବେଳା ନମାଜ ପାଠ କରିବା ଆବଶ୍ୟକ କିନ୍ତୁ ଯଦି ସୃଷ୍ଟି

ପ୍ରତି ଦୟା ଆଚରଣ କରୁନାହଁ ତେବେ ଉପାସନାର କୌଣସି ମୂଲ୍ୟ ନାହିଁ ।

ଆଉ ଜଣେ ନର୍ସ ଶ୍ରୀମତି ଫୟୁନା ସାହେବା କହିଲେ ଇମାମ ଜମାଅତ ଆମକୁ ଦେଖାଇଲେ କି ଇସଲାମ ଏକ ଏପରି ଧର୍ମ ଅଟେ ଯାହାକୁ ସଠିକ୍ ରୂପେ ବୁଝାଗଲା ନାହିଁ ଏବଂ ଉଗ୍ରବାଦୀମାନେ ଏହା ପଛରେ ଲୁଚି ରହିଯାଉଛନ୍ତି । ଆଉ ଜଣେ ଜି.ପି ଓ ଚର୍ଚ୍ଚର ଅଧକ୍ଷ କହିଲେ ଆପଣଙ୍କ ଅଭିଭାଷଣ ମୁଁ ଶୁଣିଲି ତାହା ଏକ ମାର୍ଗ ଦର୍ଶନକାରୀ ଆଲୋକ ପରି ଥିଲା ଯେଉଁଥିରେ ପ୍ରଦର୍ଶିତ କରାଗଲା କି ଇସଲାମ ସର୍ବ ଶ୍ରେଷ୍ଠ ଶାନ୍ତି ପ୍ରିୟ ଧର୍ମ ଅଟେ ।

ଗୋଟିଏ କମ୍ପାନୀର Directer ସାହେବା କହିଲେ ଅସଶସର କାରବାର ସମ୍ବନ୍ଧରେ ଖଲିଫାଙ୍କର କଥା ମୋତେ ବହୁତ ପସନ୍ଦ ଆସିଲା । ଏହା ଏକ ଏପରି କାର୍ଯ୍ୟ ଅଟେ, ଯେଉଁଥିରେ ଆମ ଚରିତ୍ର ନାଷ ହୋଇଯାଇଥାଏ ଏବଂ କେବଳ ବ୍ୟବସାୟକୁ ପ୍ରାଥମିକତା ଦିଆଯାଇଥାଏ । ପୁନଃ ସଂସାରର ଭବିଷ୍ୟତ ସମ୍ବନ୍ଧରେ ଇମାମ ଜମାଅତଙ୍କର ଶବ୍ଦ ଓ ଦୁଆ ଶୁଣି ମୁଁ ବହୁତ ଭାବବିହ୍ୱୋଳ ହୋଇଗଲି କି ଆମକୁ ନିଜ ପଛରେ ଗୋଟିଏ ସୁନ୍ଦର ସଂସାର ଛାଡ଼ି ଯିବା ଉଚିତ୍ । ଏଥିପାଇଁ ସେ ଚିନ୍ତିତ ମଧ୍ୟ ଥିଲେ କି ଆମେ ନିଜ ପଛରେ ଭିନ୍ନକ୍ଷମ ପିଲା ଛାଡ଼ି ନଯାଉ । ହଜୁର ଅନଓ୍ୱର ଅ.ବ କହିଲେ- ଏହିସ୍ଥାନରେ ଜମାଅତର ମଧ୍ୟ ମୁଁ ଧ୍ୟାନ ଆକର୍ଷିତ କରିବାକୁ ଚାହେଁ ଯେ, ସଂସାରର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଚାଲିଛି ତେଣୁ ବହୁତ ଦୁଆର ଆବଶ୍ୟକତା ରହିଛି । ଶକ୍ତିଶାଳି ଓ କ୍ଷୁଦ୍ର ଦେଶମାନେ ମଧ୍ୟ ଯୁଦ୍ଧ କରିବା ମନୋବୃତି ଧାରଣ କଲେଣି । ଯେ ପ୍ରଥମେ ଏହି ଭାବନାରେ ଥିଲେ ଏବଂ ସେମାନଙ୍କର ରାଜନେତା, ଅଭିଜ୍ଞ ବ୍ୟକ୍ତି ବୃନ୍ଦ ବିଶ୍ୱଯୁଦ୍ଧକୁ ବହୁତ ଦୂରରେ ଥିବା ମଣୁଥିଲେ ସେମାନେ ମଧ୍ୟ କହିବା ଆରମ୍ଭ କଲେଣି କି ବର୍ତମାନ ବିଶ୍ୱ ଯୁଦ୍ଧର ଆଶଙ୍କା ବହୁତ ବଢିଗଲାଣି । ପୁଣି ଆଜିକାଲି ଆମେରିକା ଓ କୋରିଆର ଯେପରି ସମସ୍ୟା ଚାଲିଛି ଓ ପରସ୍ପରକୁ ସେମାନେ ଯେପରି ପରମାଣୁ ଅସ୍ତ ପ୍ରୟୋଗ କରିବାର ଧମକ ଦେଉଛନ୍ତି, ଯଦିଓ ଚୀନ ସେମାନଙ୍କ ମଧ୍ୟରେ ଥିବା ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରୁଅଛି । ସେହିପରି ମୁସଲମାନ ଅଧକ୍ଷମାନେ ମଧ୍ୟ ଅତ୍ୟାଚାର କରୁଛନ୍ତି ଏବଂ ଏଠାରେ ମଧ୍ୟ ନିଜର ସିବୀର ପ୍ରସ୍ତୁତ କରୁଛନ୍ତି । ଯୁଦ୍ଧର ମଇଦାନ ବିସ୍ତାର ହେଉଅଛି, ଅଲ୍ଲାଃଙ୍କ ନିକଟରେ ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃ ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ । ପରମାଣୁ ଯୁଦ୍ଧର କ୍ଷତିକାରକ ପ୍ରଭାବରୁ ରକ୍ଷା ପାଇବା ନିମନ୍ତେ ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ଯେଉଁ ହୋମିଓପାଥି ଔଷଧର ସେବନ କରିବା ନିର୍ଦ୍ଦେଶ ଦେଇଥିଲେ ତାହା ଜମାଅତର ସଦସ୍ୟମାନେ ଅତି କମ୍‌ରେ ଛ'ସପ୍ତାହ ସେବନ କରନ୍ତୁ । ଗୋଟିଏ ପରେ ଆଉ ଗୋଟିଏ ଯାହାର ପରବର୍ତୀ ସମୟରେ ଘୋଷଣା ମଧ୍ୟ ହୋଇଯିବ । Carcinosin cm Radium Borm ଆଦି । ଆଉ ଏକ ଚର୍ଚ୍ଚା ମଧ୍ୟ କରିଦେଉଛି ।

ପର୍ତୁଗାଲର ଜଣେ ଅଧ୍ୟାପକ ଡ଼ାଃ ପୋଲୋମରିସ୍ କୁହନ୍ତି ଆଜି ଆପଣଙ୍କ କଥା ଶୁଣି ଏହା ପ୍ରମାଣିତ ହେଲା ଯେ, ନ୍ୟାୟ ଓ ଶାନ୍ତି ବିପରୀତ ଶବ୍ଦ ଅଟେ । କିନ୍ତୁ ସେ ଦୁଇଟିର ଅର୍ଥ ଏକ ଏବଂ ଗୋଟିଏ ବ୍ୟତୀତ ଅନ୍ୟଟିର ହାସଲ କରିବା ସମ୍ଭବ ନୁହେଁ । ସେ କୁହନ୍ତି ସଂସାରରେ ନ୍ୟାୟର ଅଭାବ ରହିଛି, ତେଣୁକରି ଶାନ୍ତି ନାହିଁ ।

ହଜୁର ଅନଓ୍ୱର ଅ.ବ ଅନେକ ଅତିଥିମାନଙ୍କ ବିଶ୍ୱାସ ବର୍ଦ୍ଧକ ଓ Media ତଥା Peace symposium ମାଧ୍ୟମରେ ଇସଲାମର ବିସ୍ତାର ପ୍ରଚାର ପ୍ରସାର ହେବା ଚର୍ଚ୍ଚା କଲେ । ଆହୁରି କହିଲେ କି ସୋସିଆଲ୍ ମିଡ଼ିୟା ମାଧ୍ୟମରେ ୩.୮ ନିୟୁତ ଲୋକମାନଙ୍କ ନିକଟରେ (ଜମାଅତର) ବାର୍ତା ପହଁଚିଲା । ଯେପରି ଆମ ଜମାଅତର ବାର୍ତା ପ୍ରସାର ଲାଭ କରୁଅଛି ସେହିପରି ଆମ ପ୍ରତି ବିରୁଦ୍ଧାଚରଣ ମଧ୍ୟ ବଢିଚାଲିଛି । ବିଶେଷକରି ମୁସଲମାନ ରାଷ୍ଟ୍ରମାନଙ୍କରେ ଏବଂ ଉପଦ୍ୱୀପରେ ମଧ୍ୟ ବିଗତ କିଛି ମାସ ହେଲା ବେଶ୍ ଅଧିକ ବିରୁଦ୍ଧାଚରଣ ହେଉଅଛି । ଏଥିପାଇଁ ମୁଁ ଦୁଆ କରିବା ପାଇଁ କହିସାରିଛି ।

ଉପଦ୍ୱୀପ ଓ ପାକିସ୍ତାନର ଅହେମଦିମାନଙ୍କ ପାଇଁ ଦୁଆ କରିବା ସହିତ ଯେଉଁ ଦେଶମାନଙ୍କରେ ଅହେମଦିମାନଙ୍କ ବିରୁଦ୍ଧରେ ଉତେଜନା ପ୍ରକାଶ ପାଉଛି ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସମସ୍ତ (ଅହେମଦିମାନଙ୍କୁ) ନିଜ ସୁରକ୍ଷା କବଚରେ ରଖନ୍ତୁ । ବିଶେଷ କରି ଉପଦ୍ୱୀପମାନଙ୍କର ଅହେମଦିମାନେ ପୁରୁଣା ଅହେମଦି ନୁହନ୍ତି, ତେଣୁ ଅଲ୍ଲାଃ ସେମାନଙ୍କ ବିଶ୍ୱାସକୁ ଦୃଢତା ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଅସୁବିଧା ମଧ୍ୟ ଶିଘ୍ର ଦୂର କରନ୍ତୁ ।

## ରୋଜା ସମୟରେ ପ୍ରତ୍ୟେକ ପ୍ରକାରର କୁକର୍ମରୁ ବଂଚିବା ପାଇଁ ଚେଷ୍ଟା କରନ୍ତୁ

**ସୟଦ୍‌ଦା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଉପଦେଶ**

ପବିତ୍ର ହଦିସ୍ ଓ୍ୱସ୍ ସିୟାମୁ ଜୁନ୍ନତୁନ୍ ଅର୍ଥାତ୍ ରୋଜା ଢ଼ାଲ ଅଟେ ର ବ୍ୟାଖ୍ୟା କରି ସୟଦ୍‌ନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହୁଛନ୍ତି:-

ଏହି ଢ଼ାଲକୁ ତ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି । କିନ୍ତୁ ଏହା ବ୍ୟବହାର କରିବାର ଉପାୟ ଜାଣିବା ମଧ୍ୟ ଆବଶ୍ୟକ । ଏହାର ବି କିଛି ଆବଶ୍ୟକତା ଅଛି ଯାହାକୁ ପୁରା କରିବା ଦରକାର । ତେବେ ଯାଇ ଏହି ଢ଼ାଲର ସୁରକ୍ଷାରେ ତକ୍‌ଓ୍ୱା ଗ୍ରହଣ କରିବାର ଶକ୍ତି ମିଳିବ । ଏହି ଢ଼ାଲ ସେ ପର୍ଯ୍ୟନ୍ତ କାମ ଦେବ ଯେପର୍ଯ୍ୟନ୍ତ ରୋଜା ରଖିବା ସମୟରେ ଆମ୍ଭେ ପ୍ରତ୍ୟେକ ପ୍ରକାର କୁକର୍ମରୁ ବଂଚିବା ପାଇଁ ଚେଷ୍ଟା କରି ଚାଲିବା । ମିଛ କହିବା ନାହିଁ, ଚୁଗୁଲି କରିବା ନାହିଁ ଏବଂ ଜଣେ ଅନ୍ୟ ଜଣକର ଅଧିକାରକୁ ଛଡାଇ ନେବାନାହିଁ । ନିଜ ଶରୀରର ପ୍ରତ୍ୟେକ ଅଙ୍ଗକୁ ଏପରି ସମ୍ଭାଳି ରଖିବା ଯାହାଦ୍ୱାରା କଦାପି କୌଣସି ପ୍ରକାର ଅତ୍ୟାଚାର ହେବନାହିଁ । ଜଣେ ଅନ୍ୟଜଣଙ୍କର ଭୁଲ୍ ଦେଖିବା ପରିବର୍ତେ ନିଜ ଭୁଲ୍‌କୁ ଖୋଜିବା ଦରକାର । ଜଣେ ଅନ୍ୟ ଜଣଙ୍କର କୁକର୍ମକୁ ଖୋଜିବା ପରିବର୍ତେ ନିଜର କୁକର୍ମ, ଦୁର୍ବଳତା ଏବଂ ଅଳସୁଆମି ପଣକୁ ଖୋଜି ବାହାର କରିବା ଦରକାର....ରୋଜା ସମୟରେ ଯେତେବେଳେ ଏହିପରି ନିଜର ନିଜେ ପରଖିଥିବ କାନ, ଆଖି, ଜିଭ, ହାତ ଦ୍ୱାରା ଅନ୍ୟକୁ ନା କେବଳ ସୁରକ୍ଷିତ ରଖିଥିବ ବରଂ ତାଙ୍କର ସାହାଯ୍ୟ କରୁଥିବ ତେବେ ଯାଇ ଏହି ରୋଜା ତକ୍‌ଓ୍ୱାକୁ ବଢ଼ାଇବା ବାଲା ହେବ । ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଅସଂଖ୍ୟ ପୁରସ୍କାର ପାଇପାରିବ ।

**(ଖୁତ୍‌ବାଜୁମା ୭ ଅକ୍ଟୋବର-୨୦୦୫)**

ସର୍ବଦା ଏହା ଧ୍ୟାନ ରଖିବା ଉଚିତ୍ ଯେ ଅହେମଦୀମାନେ ଯେଉଁ ଦେଶରେ ଥାଆନ୍ତୁ ନାଁ କାହିଁକି ସେମାନେ ଅହେମଦୀୟତ୍ର ରାଜଦୂତ ଅଟନ୍ତି । ଦୁନିଆର ନଜର ଆପଣଙ୍କ ଉପରେ ଅଛି ।

ଆଭ୍ୟନ୍ତରୀଣ ପରିବର୍ତ୍ତନ କରିବା ଉଚିତ୍ । ଯଦି ଆଭ୍ୟନ୍ତରୀଣ ପରିବର୍ତ୍ତନ ନାହିଁ ତେବେ ତୁମ ଓ ଅନ୍ୟମାନଙ୍କ ଭିତରେ କିଛି ଫରକ ନାହିଁ ।

ତେଣୁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଅହେମଦୀଙ୍କୁ ନିଜ ଭିତରେ ପବିତ୍ର ଆଧ୍ୟାତ୍ମିକ ପରିବର୍ତ୍ତନ ଜନ୍ମ କରି ସଂସାରବାସୀଙ୍କ ପାଇଁ ପୁଣ୍ୟ ଦୃଷ୍ଟାନ୍ତ ଉପସ୍ଥାପନ କରିବାକୁ ହେବ ।

- ଯଦି ଆପଣ ଧର୍ମୀୟ ଓ ଆଧ୍ୟାତ୍ମିକ ଉନ୍ନତି କରିବାକୁ ଚାହଁ ତେବେ ମୋର ଉପଦେଶ ଏହା ଅଟେ ଯେ ତୁମେ ଖିଲାଫତ୍ର ଆଧ୍ୟାତ୍ମିକ ନିଜାମ ସହିତ ଯୋଡ଼ି ହୋଇଯାଅ ।
- ଖଲିଫା ଓ୍ୱକ୍ତଙ୍କ ସହିତ ନିଜି ସମ୍ପର୍କ ଓ ସମ୍ବନ୍ଧ ରଖନ୍ତୁ ଓ ଆଜ୍ଞା ପାଳନର ସ୍ତରକୁ ଉଚ୍ଚ କରନ୍ତୁ ।
- ଖଲିଫା ଓ୍ୱକ୍ତଙ୍କ ସହିତ ଯୋଡ଼ି ହୋଇ ରହିବା ପାଇଁ ଏମ୍.ଟି.ଏ ଏକ ଜରିଆ ଅଟେ । ସେଥିରୁ ଭରପୁର ଲାଭ ଉଠାନ୍ତୁ ।
- ଖଲିଫା ଓ୍ୱକ୍ତଙ୍କ ଖୁତ୍‌ବା ଓ ଭାଷଣ ଗୁଡିକ ଶୁଣ । ସେଥିରୁ ଆପଣଙ୍କୁ ବୁଦ୍ଧି ମିଳିବ ଏବଂ ଆପଣଙ୍କ ଜ୍ଞାନ ବୃଦ୍ଧି ହେବ ।

## ସୟଦ୍‌ନା ହଜରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ଜଲ୍‌ସାସାଲାନା ସୁରିନାମ (ଦକ୍ଷିଣ ଆମେରିକା ଅନୁଷ୍ଠିତ ଅଗଷ୍ଟ-୨୦୧୬ ନିମନ୍ତେ ବାର୍ତ୍ତା)

ଯମାତ୍ ଅହେମଦୀୟା ସୁରିନାମ୍ (ଦକ୍ଷିଣ ଆମେରିକା) ୨୬ ରୁ ୨୮ ଅଗଷ୍ଟ ୨୦୧୬ ରେ ନିଜର ୩୭ ତମ ଜଲ୍‌ସାସାଲାନା ଅନୁଷ୍ଠିତ କଲା । ଏହି ଜଲ୍‌ସା ସହିତ ସେଠାରେ ଯମାତ୍ ଅହେମଦୀୟାର ୬୦ ବର୍ଷ ପୂର୍ତ୍ତିର ଉତ୍ସବ ମଧ୍ୟ ସାମିଲ୍ ଥିଲା । ଉଦ୍‌ଘାଟନୀ ଇଜିଲାସ୍‌ରେ ମୋକରମ୍ ରଫି ଅହେମଦ୍ ସାହେବ ହଜୁର ଅନୁଓ୍ୱର୍ ଅ:ବ:ଅ ଙ୍କ ବିଶେଷ ବାର୍ତ୍ତା ପଢ଼ି ଶୁଣାଇଲେ । ମୋକରମ୍ ମକ୍‌ସୁଦ୍ ଅହେମଦ୍ ମନ୍‌ସୁର୍ ସାହେବ ମୋବୋଲିଗ୍ ସିଲ୍‌ସିଲା ଗୟାନା 'ଇସ୍‌ଲାମ୍‌ର ବିଶେଷ ଗୁଣ' ବିଷୟ ଉପରେ ଭାଷଣ ଦେଲେ । ପାଂଚଜଣ ଅତିଥି ବକ୍ତା ଭାଷଣ ଦେଲେ । ଦ୍ୱିତୀୟ ଦିନର ଇଜିଲାସ୍‌ରେ ଦୁଇଟି ଭାଷଣ ହେଲା । ପୁଣି ଗୃହମନ୍ତ୍ରୀ ମିଷ୍ଟର୍ ମାଇକ୍ ନୁର୍ ସଲିମ୍ ସାହେବର ବାର୍ତ୍ତା ପଢ଼ିକରି ଶୁଣାଇ ଦିଆଗଲା । ପୁଣି ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ମିଷ୍ଟର୍ ଚନ୍ଦ୍ରିକା ପ୍ରସାଦ ଏବଂ ଆନ୍ତର୍ଧର୍ମୀୟ କାଉନ୍‌ସିଲ୍ ସୁରେନାମ୍‌ର ସଭାପତି ମଧ୍ୟ ଭାଷଣ ଦେଲେ । ତୃତୀୟ ଦିନ ମଧ୍ୟ ଦୁଇଟି ଭାଷଣ ହେଲା । ତତ୍ ସହିତ ତିନିଜଣ ପିଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଜୀବନ ଚରିତକୁ ସଂକ୍ଷିପ୍ତରେ ବର୍ଣ୍ଣନା କଲେ । ବିଶେଷ ଅତିଥି ପାର୍ଲିଆମେଂଟ ସଦସ୍ୟ ପ୍ରଫେସର୍ ରିଆଜ୍ ନୁର୍ ସାହେବ ମଧ୍ୟ ଭାଷଣ ଦେଲେ । ଏତତ୍‌ବ୍ୟତୀତ ବିଭିନ୍ନ ମସ୍‌ଜିଦ୍‌ର ଇମାମ୍‌ମାନଙ୍କୁ ମଧ୍ୟ ନିଜର ଭାବ ବ୍ୟକ୍ତ କରିବା ପାଇଁ ମୌକା ଦିଆଗଲା । ଜଲ୍‌ସାର ଉପସ୍ଥାନ ୫୦୦ ରୁ ଅଧିକ ଥିଲା । ଆମେରିକା, ହଲାଣ୍ଡ ଏବଂ ଗୟାନାର ରାଜଦୂତମାନଙ୍କ ତରଫରୁ ଶୁଭେଚ୍ଛା ବାର୍ତ୍ତାର ଚିଠି ମିଳିଲା । ଗୟାନା ଆମ୍‌ଦାସିର ଦୁଇଜଣ ପ୍ରତିନିଧି ଜଲ୍‌ସାରେ ସାମିଲ୍ ହୋଇଥିଲେ । ଏହି ଅବସରରେ ହଜୁର୍ ଅନୁଓ୍ୱର୍ ଯେଉଁ ବାର୍ତ୍ତାକୁ ଜଲ୍‌ସାରେ ଉପସ୍ଥିତ ଲୋକମାନଙ୍କ ପାଇଁ ପଠାଇଥିଲେ, ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ ୧୨ ମଇ ୨୦୧୭ କୁ ଧନ୍ୟବାଦ ଦେଇ ଉପସ୍ଥାପନ କରୁଅଛୁ ।

ମୋକରମ୍ ସମ୍‌ସେର୍ ଅଲୀ ଶେଖ୍ ଅଲୀ ବଖ୍‌ଶ ସାହେବ ସଦର ଯମାତ୍ ସୁରିନାମ୍ ଅଲ୍ଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହେ ଓ୍ୱ ବରକାତୁହୁ ।

"ଆପଣଙ୍କୁ ଯମାତ ଅହେମଦୀୟା ସୁରେନାମ୍‌ର ଜଲ୍‌ସାସାଲାନା ୨୬ ରୁ ୨୮ ଅଗଷ୍ଟ ୨୦୧୬ ପାଳନ କରିବା ପାଇଁ ସୌଭାଗ୍ୟ ମିଳୁଅଛି । ଅଲ୍ଲାଃତାଲା ଆପଣଙ୍କ ଏହି ଜଲ୍‌ସାକୁ ପ୍ରତ୍ୟେକ ପକ୍ଷ୍ୟରୁ ବାବରକତ୍ କରନ୍ତୁ । ଏବଂ ଏହାର ଆଧ୍ୟାତ୍ମିକ ବରକତରୁ ନିଜର ସାମର୍ଥ୍ୟ ଅନୁସାରେ ଲାଭ ଉଠାଇବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । ଆମିନ୍ ! ଏ ଯୁଗରେ ଅଲ୍ଲାଃତାଲା ହଜରତ୍ ମସିହ୍ ମଉଦ୍ ଆ:ସଙ୍କୁ ନିଜର ହାଦିଏ କାମିଲ୍ ସ:ଆ:ସ ଙ୍କ ଦାସତ୍ୱରେ ଆପଣ ସ:ଆ:ସଙ୍କ ସରିୟତ୍‌କୁ ସଂସାରରେ ପ୍ରତିଷ୍ଠା କରିବା ପାଇଁ ଓ ପ୍ରସାର କରିବା ପାଇଁ ପ୍ରେରଣ କଲେ ଓ ଆପଣମାନଙ୍କୁ ସୌଭାଗ୍ୟ ମିଳିଲା ଯେ ଆପଣମାନେ ତାଙ୍କର ଯମାତ୍‌ରେ ସାମିଲ୍ ହେଲେ । ଏହା ଏକ ସୌଭାଗ୍ୟ ଓ ଆତ୍ମସମ୍ମାନ ଅଟେ । ଯାହାର ଦାୟିତ୍ୱ ଆପଣଙ୍କ ଉପରେ ନ୍ୟସ୍ତ କରାଯାଇଛି ଯେ ଆପଣ ବୟତ କରି ଧର୍ମକୁ ସଂସାର ଉପରେ ପ୍ରାଧାନ୍ୟ ଦେବାପାଇଁ ଯେଉଁ ପ୍ରତିଶ୍ରୁତି ନେଇଛନ୍ତି ତାର ସୁରକ୍ଷା କରିବା ପାଇଁ ନିଜର ଅନ୍ତରକୁ ପରିବର୍ତ୍ତନ କରିବାକୁ ହେବ । ଅଲ୍ଲାଃତାଲାଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ପଡ଼ିବ । ସର୍ବଦା ମନେରଖନ୍ତୁ ଯେ ଅହେମଦୀମାନେ ଯେ କୌଣସି ଦେଶରେ ଥିଲେ ମଧ୍ୟ ସେମାନେ ଅହେମଦୀୟତ୍ର ରାଜଦୂତ ଅଟନ୍ତି । ସଂସାରବାସୀଙ୍କ ନଜର ଆପଣଙ୍କ ଉପରେ ଅଛି । ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସଲ କରିବା ଓ ଅନ୍ୟମାନଙ୍କୁ ଅଲ୍ଲାଃତାଲାଙ୍କ ନିକଟତର କରିବା ର ପ୍ରତିଶ୍ରୁତି ସେତେବେଳେ ସତ ହୋଇପାରିବ ଯେତେବେଳେ ଆପଣଙ୍କ ଭିତରେ ଅଲ୍ଲାଃତାଲାଙ୍କ ଉପଦେଶ ଉପରେ ଅମଲ କରିବା ପାଇଁ ଉଚ୍ଚତମ ସ୍ତର ପ୍ରତିଷ୍ଠା ହେବ । ସୟଦ୍‌ନା ହଜରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି-

"ଆମ ଯମାତ୍‌କୁ ଏପରି ହେବା ଉଚିତ୍ ଯେ କେବଳ ମୁହଁର ଶବ୍ଦ ଉପରେ କଥା ନରଖନ୍ତୁ ବରଂ ବୟତ୍‌ର ଇଚ୍ଛାକୁ ପୁରା କରନ୍ତୁ । ଅନ୍ତରର ପରିବର୍ତ୍ତନ କରିବା ଉଚିତ୍ । କେବଳ ମସାଇଲ୍ ଦ୍ୱାରା ତୁମେ ଖୁଦାଙ୍କୁ ଖୁସି କରାଇପାରିବ ନାହିଁ । ଯଦି ତୁମର ଅନ୍ତରର ପରିବର୍ତ୍ତନ ନହୁଏ ତେବେ ତୁମେ ଓ ଅନ୍ୟମାନଙ୍କ ମଧ୍ୟରେ କିଛି ଫରକ ନାହିଁ ।

(ମଲ୍‌ଫୁଜାତ୍ ଖଣ୍ଡ-୮, ପୃଷ୍ଠା-୧୮୮)

ଆଉ ଏକ ଅବସରରେ ହଜୁର୍ ଆ:ସ କହୁଛନ୍ତି 'ଖୁଦାତାଲା ଏ ସିଲ୍‌ସିଲା ପ୍ରତିଷ୍ଠା କରିଛନ୍ତି । ଏଥିରେ ତାଙ୍କର ଉଦ୍ଦେଶ୍ୟ ଏହା ଯେ ଏ ଯମାତ୍ ସାହାବାଙ୍କ ଯମାତ୍ ପରି ହେଉ । ଯେଉଁ ଲୋକମାନେ ଏହି ସିଲ୍‌ସିଲାରେ ଦାଖିଲ୍ ହେବେ... ସେମାନେ ମିଥ୍ୟା କାର୍ଯ୍ୟକଳାପର ବସ୍ତ୍ରକୁ କାଢ଼ି ଫୋପାଡ଼ି ଦେବେ ଏବଂ ନିଜର ସବୁ ଧ୍ୟାନ ଖୁଦାତାଲାଙ୍କ ଆଡ଼କୁ କରିବେ... ସମସ୍ତ ଅମ୍ବିୟା ଆ:ସଙ୍କ ଆବିର୍ଭାବର ଉଦ୍ଦେଶ୍ୟ ଏହା ଯେ ଖୁଦାତାଲାଙ୍କ ସହିତ ସଚ୍ଚା ଓ ବାସ୍ତବିକ ପ୍ରେମ ସ୍ଥାପନ କରାଯାଉ ଓ ମାନବ ଜାତି ଓ ଭାଇମାନଙ୍କ ଅଧିକାର ଓ ପ୍ରେମରେ ଏକ ବିଶେଷ ଭାବ ଜନ୍ମ ହେଉ । (ମଲ୍‌ଫୁଜାତ୍ ଖଣ୍ଡ-୫, ପୃଷ୍ଠା-୯୪-୯୫)

ତେଣୁ ଆପଣମାନଙ୍କୁ ମଧ୍ୟରୁ ପ୍ରତ୍ୟେକ ଅହେମଦୀ ନିଜର ପବିତ୍ର ଆଧ୍ୟାତ୍ମିକ ପରିବର୍ତ୍ତନ କରି ସଂସାରବାସୀଙ୍କ ନିମନ୍ତେ ପୁଣ୍ୟ ନମୁନା ଉପସ୍ଥାପନା କରିବାକୁ ହେବ । ଅଲ୍ଲାଃତାଲାଙ୍କର ଆପଣଙ୍କ ଉପରେ ବହୁତ ବଡ଼ ଦୟା ଏହା ଅଟେ ଯେ ସେ ଆପଣମାନଙ୍କୁ ଖିଲାଫତେ ଅହେମଦୀୟା ଜରିଆରେ ଗୋଟିଏ ରସିରେ ଗୁନ୍ଥି ଦେଇଛି ଏବଂ ତା ଦ୍ୱାରା ନିଜ ସାନିଧ୍ୟ ପାଇବା ପାଇଁ ରାସ୍ତା ଖୋଲି ଦେଇଛି । ଯଦି ଆପଣ ଧର୍ମୀୟ ଓ ଆଧ୍ୟାତ୍ମିକ ଉନ୍ନତି କରିବାକୁ ଚାହଁ ତେବେ ମୋର ଉପଦେଶ ଏହା ଅଟେ ଯେ ତୁମେ ଖିଲାଫତ୍ର ଆଧ୍ୟାତ୍ମିକ ନିଜାମ ସହିତ ଯୋଡ଼ି ହୋଇଯାଅ । ଖଲିଫା ଓ୍ୱକ୍ତଙ୍କ ସହିତ ନିଜି ସମ୍ପର୍କ ଓ ସମ୍ବନ୍ଧ ରଖନ୍ତୁ ଓ ଆଜ୍ଞା ପାଳନର ସ୍ତରକୁ ଉଚ୍ଚ କରନ୍ତୁ । ଖଲିଫା ଓ୍ୱକ୍ତଙ୍କ ସହିତ ଯୋଡ଼ି ହୋଇ ରହିବା ପାଇଁ ଏମ୍.ଟି.ଏ ଏକ ଜରିଆ ଅଟେ । ସେଥିରୁ ଭରପୁର ଲାଭ ଉଠାନ୍ତୁ । ଖଲିଫା ଓ୍ୱକ୍ତଙ୍କ ଖୁତ୍‌ବା ଓ ଭାଷଣ ଗୁଡିକ ଶୁଣ । ସେଥିରୁ ଆପଣଙ୍କୁ ବୁଦ୍ଧି ମିଳିବ ଏବଂ ଆପଣଙ୍କ ଜ୍ଞାନ ବୃଦ୍ଧି ହେବ । ଅଲ୍ଲାଃତାଲା ଆପଣମାନଙ୍କ ମଧ୍ୟରୁ ସମସ୍ତ ଅହେମଦୀମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଇସଲାମେ ଅହେମଦୀୟତ୍ର ଶିକ୍ଷାର ଉତ୍ତମ ନମୁନା ଉପସ୍ଥାପନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆପଣଙ୍କ ସୁରକ୍ଷା ଓ ସାହାଯ୍ୟକାରୀ ହୁଅନ୍ତୁ । ଆମିନ୍ !

ଓ୍ୱସ୍ ସଲାମ୍

ମିରଜା ମସ୍‌ରୁର୍ ଅହେମଦ୍ (ଖଲିଫତୁଲ୍ ମସିହିଲ୍ ଖାମିସ୍)

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 01 JUNE 2017 Issue No. 22

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

# କାନାଡ଼ାର ୱାନ୍‌ଠାରେ ପିସ୍ ସିମ୍ପୋଜିୟମ୍ ଅନୁଷ୍ଠିତ ।

## ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ବାବର୍‌କତ୍ ଯୋଗଦାନ ଓ ହୃଦୟସ୍ପର୍ଶୀ ଭାଷଣ

### ୱାନ୍‌ର ମେୟର୍ **Maurizio Bevilacqua**, ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଡ଼େବ୍‌ରାସୋଲ୍‌ଟ, ୱାନ୍ ସହରର କାଉନ୍‌ସିଲର୍ ମେରିଲନ୍ ଏଫ୍‌ରିଟି ଙ୍କ ସମ୍ବୋଧନ

**୨୨ ଅକ୍ଟୋବର-୨୦୧୬ (ଶନିବାର)**

ଆଜି ଏୱାନେ ତାହେର୍ ଠାରେ ପିସ୍ ସିମ୍ପୋଜିୟମ୍‌ର ପ୍ରୋଗ୍ରାମ୍ ଥିଲା । ୫:୧୦ ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ଏୱାନେ ତାହେର୍‌ର ଗୋଟିଏ ମିଟିଙ୍ଗ୍ ରୁମ୍‌ରେ ପଦାର୍ପଣ କଲେ । ଯେଉଁଠି ଏହି ପିସ୍ ସିମ୍ପୋଜିୟମ୍‌ରେ ଯୋଗ ଦେବା ପାଇଁ ଆସିଥିବା ଅତିଥିମାନଙ୍କ ମଧ୍ୟରୁ ୱାନ୍‌ର ମେୟର୍ **Maurizio Bevilacqua** ସାହିବା, ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଡ଼େବ୍‌ରାସୋଲ୍‌ଟ ସାହେବ ଓ ୱାଗାନ୍ ସହରର କାଉନ୍‌ସିଲର୍ ମେରିଲିନ୍ ଲାଫ୍‌ରେଟ୍ ହଜୁର୍ ଅନୁୱର୍‌ଙ୍କ ଆଗମନ ପାଇଁ ଏବଂ ଆପଣଙ୍କ ସାକ୍ଷାତ୍ ପାଇଁ ଅପେକ୍ଷାରେ ଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଅତିଥିମାନଙ୍କର ପରିଚୟ ହାସଲ କଲେ ଏବଂ ତାଙ୍କର ଅବସ୍ଥା ପଚାରି ବୁଝିଲେ ।

ହଜୁର୍ ଅନୁୱର୍ ଡ଼େବ୍‌ରାସଲ୍‌ଟ୍ ସାହିବା ମେମ୍ବର୍ ଅଫ୍ ପାର୍ଲିଆମେଂଟ୍‌ଙ୍କୁ ଲଣ୍ଡନ୍ ଆସିବା ପାଇଁ ନିମନ୍ତ୍ରଣ ଦେଲେ । ସେ ୨୨ ବର୍ଷ କାଳ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ରହିଛନ୍ତି । କୌଣସି କାରଣ ବଶତଃ ପାର୍ଲିଆମେଂଟ୍ ହିଲ୍‌ର ପ୍ରୋଗ୍ରାମ୍‌ରେ ଯୋଗ ଦେଇପାରିନଥିଲେ । ଯମାତ୍ ତରଫରୁ ତାଙ୍କୁ ନିମନ୍ତ୍ରଣ କରାଯାଇପାରି ନଥିଲା ।

ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଆଗମନ ପୂର୍ବରୁ ଏ ହଲ୍‌ଟି ଅତିଥିମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇସାରିଥିଲା । ଆଜିର ଏହି ପିସ୍ ସିମ୍ପୋଜିୟମ୍‌ରେ ୬୧୪ ଜଣ ଅଣ ଅହେମଦୀ ଓ ଅଣ ମୁସ୍‌ଲିମ୍ ଅତିଥି ସାମିଲ୍ ହୋଇଥିଲେ । ଯେଉଁମାନଙ୍କ ମଧ୍ୟରୁ ବିଭିନ୍ନ ଇଲାକାର ମେୟର୍, କାଉନ୍‌ସିଲର୍, ଖବରକାଗଜ ଜର୍ନାଲିଷ୍ଟ, ଡାକ୍ତର୍, ପ୍ରଫେସର୍, ଶିକ୍ଷକ, ଓକିଲ ଏବଂ ବିଭିନ୍ନ ଗୋଷ୍ଠୀ ସହିତ ସମ୍ପର୍କ ରଖିଥିବା ଲୋକମାନେ ସାମିଲ୍ ଥିଲେ ।

୫:୧୫ ସମୟରେ ହଜୁର୍ ଅନୁୱର୍ ହଲ୍‌ରେ ପ୍ରବେଶ କଲେ । ପ୍ରୋଗ୍ରାମ୍‌ର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ଦ୍ୱାରା ହେଲା । ଯାହାକୁ ଅଜିଜମ୍ ସାଗର୍ ବାଜୁଆ ସାହେବ ଜାମିଆ ଅହେମଦୀୟା କାନାଡ଼ାର ଶିକ୍ଷାର୍ଥୀ ପାଠ କଲେ ଏବଂ ଏହାର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ ।

**ୱାନ୍ ସହରର ମେୟର୍ ଙ୍କ ସମ୍ବୋଧନ**

ଏହାପରେ ମେୟର୍ ଅଫ୍ ୱାନ୍ **Maurizio Bevilacqua** ତାଙ୍କର ସମ୍ବୋଧନ ଉପସ୍ଥାପନ କଲେ ।

ଅସ୍‌ସଲାମୋ ଆଲୈକୁମ୍ ଖଲିଫତୁଲ୍ ମସିହ୍ ! ମୋକରମ୍ ଅମିର୍ ସାହେବ କାନାଡ଼ା ମୁଁ ୱାନ୍‌ର ତିନି ଲକ୍ଷ ପଚିଶି ହଜାର ଲୋକଙ୍କ ତରଫରୁ ଆପଣଙ୍କୁ ସ୍ୱାଗତମ୍ ଜଣାଉଛି । ଆମେ ଆପଣଙ୍କ ଗସ୍ତର ଅପେକ୍ଷାରେ ଥିଲୁ । ଏବଂ ମୁଁ ଯେତିକି ଜାଣିଛି ଏହା ହଜୁର୍‌ଙ୍କର ଚତୁର୍ଥ ଗସ୍ତ ଅଟେ । ଯେବେ ଆମେ ଏହି କମ୍ୟୁନିଟି ବିଷୟରେ କଥା ହେଉ ସେତେବେଳେ ଆମ ସାମ୍‌ନାକୁ ଏକଥା ଆସିଥାଏ-ମୋହବତ୍ ସବ୍ କେଲିଏ, ନଫରତ୍ କିସି ସେ ନେହିଁ । ଆମେ ମୋହବତ୍‌କୁ ନାମବାଚକ ରୂପେ ବର୍ଣ୍ଣନା କରୁଅଛୁ । କିନ୍ତୁ ଯଦି ଆମେ ମୋହବତ୍‌କୁ କାର୍ଯ୍ୟର ରୂପରେ ବର୍ଣ୍ଣନା କରିବୁ ତେବେ ଏହି କାର୍ଯ୍ୟକୁ ପ୍ରମାଣ କରିବା ପାଇଁ ପ୍ରକାଶର ଆବଶ୍ୟକ ଅଛି । ଯେତେବେଳେ ମୁଁ ହଜୁର୍‌ଙ୍କ ବିଷୟରେ ଭାବୁଥାଏ ସର୍ବପ୍ରଥମେ ହଜୁର୍‌ଙ୍କ ଶାନ୍ତି, ମୋହବତ୍, ପ୍ରେମ ଓ ପରୋପକାରର ବାର୍ତ୍ତା ସାମ୍‌ନାକୁ ଆସିଥାଏ । ଏବଂ ଆଉ ଗୋଟିଏ ବିଷୟ ଯାହା ବର୍ତମାନ ସଂସାରକୁ ଆବଶ୍ୟକ ତାହା ହେଉଛି ଅନ୍ତଧର୍ମ ବାର୍ତାଲାପ ଓ ଅନ୍ତଧର୍ମ ଭାଇଚାରା ଖଲିଫତୁଲ୍ ମସିହ୍ ଆପଣ ଏହାର ପ୍ରକାଶ କ୍ୟାପିଟାଲ୍ ହିଲ୍, ୱାଶିଂଟନ୍ ଡ଼ିସି, ବ୍ରିଟିଶ୍ ହାଉସ୍ ଅଫ୍ ପାର୍ଲିଆମେଂଟ୍ ଏବଂ ୟୁରୋପିଆନ୍ ପାର୍ଲିଆମେଂଟ୍‌ରେ କରିସାରିଛନ୍ତି । ଏହି ସମସ୍ତ ଭାଷଣରେ ହଜୁର୍ ଅତ୍ୟନ୍ତ ଉତ୍କୃଷ୍ଟ ଭାଷା ଦ୍ୱାରା ମାନବିକ ଅଧିକାର ଓ ଜାତିସଂଘର ସମ୍ପର୍କ ଉପରେ ଆଲୋକପାତ କରିଛନ୍ତି । ପ୍ରତ୍ୟେକ ଅବସରରେ ବହୁତ ମିନିଷ୍ଟର୍, ମେମ୍ବର୍ ଅଫ୍ ପାର୍ଲିଆମେଂଟ୍, ରାଜନିତୀଜ୍ଞ ଓ ଧାର୍ମିକ ନେତାମାନେ ସାମିଲ୍ ହୋଇଥିଲେ ଯାହାଙ୍କର ଲକ୍ଷ ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ।

ହଜୁର୍ ! ଆପଣ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କର ହିତ ପାଇଁ ବିଶେଷ ଧ୍ୟାନ ଦେଇଛନ୍ତି । ବିଶେଷ କରି ଆପଣ ସେମାନଙ୍କୁ ସାମାଜିକ ଓ ଖାଦ୍ୟପେୟ, ସଫା ପାଣି ଓ ବିଜୁଳି ହାସଲ କରିବା ପାଇଁ ମାର୍ଗ ଦର୍ଶନ କରାଇଛନ୍ତି । ଏହା କେବଳ ଗୋଟିଏ ଦୃଷ୍ଟାନ୍ତ ଯାହାକୁ ମୁଁ ଉପସ୍ଥାପନ କରୁଅଛି ଯେ ଆପଣ କିପରି ଭାବେ ନିଜର କାର୍ଯ୍ୟ ଦ୍ୱାରା ଏହାକୁ ସମ୍ପାଦନ କରୁଛନ୍ତି ।

ସେହି ବିଶେଷ ବାର୍ତା ଯାହା ଖଲିଫତୁଲ୍ ମସିହ୍ ଆମ ପାଖକୁ ନେଇ ଆସିଛନ୍ତି ତାହା ହେଉଛି ଆମ ସମସ୍ତଙ୍କ ଗୋଟିଏ ଆଶା । ଏହି ସବୁ ପ୍ରୋଗ୍ରାମ୍‌ର ଲକ୍ଷ କଣ ? ଏହାର ଲକ୍ଷ୍ୟ ହେଉଛି ଆମେ ସମସ୍ତେ ମିଶି ଆଗାମୀ ଦିନର ଶୁଭ ଫଳ ପାଇଁ ଚେଷ୍ଟା କରିବା । ଆମେ କେବଳ ଚିନ୍ତା ଓ କେବଳ ପ୍ରାର୍ଥନାର ସୀମାରେ ରହିପାରିବା ନାହିଁ ବରଂ ଆମକୁ ଏହାଠାରୁ ଅଧିକ କରିବାର ଆବଶ୍ୟକ ଅଛି । ଅର୍ଥାତ୍-କାର୍ଯ୍ୟଦ୍ୱାରା କିଛି କରି ଦେଖାଇବାର ଆବଶ୍ୟକ ଅଛି । ପ୍ରାର୍ଥନା ଓ ଚିନ୍ତା ପରେ କାର୍ଯ୍ୟ କରିବା ପାଇଁ ଚେଷ୍ଟା ମଧ୍ୟ କରନ୍ତୁ ଯାହାଦ୍ୱାରା ମଣିଷର ବଡ଼ରୁ ବଡ଼ ଲକ୍ଷ୍ୟ ହାସଲ ହୋଇପାରିବ ।

ଏବର୍ଷ ଯମାତ୍ ଅହେମଦୀୟା କାନାଡ଼ାର ୫୦ ବର୍ଷ ପୁର୍ତି ଅବସରରେ ବିଭିନ୍ନ ପ୍ରୋଗ୍ରାମକୁ ରୂପ ଦିଆଯାଇଥିଲା । ଆମକୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଯମାତ୍ ଅହେମଦୀୟାର କମ୍ୟୁନିଟି ଅସାଧାରଣ ସେବା କରିଛନ୍ତି । ଏହି ଇଲାକା ପିସ୍ ଭିଲେଜ୍ ନାମରେ ନାମିତ । କାରଣ ଏହି ଲଲାକାରୁ ଏହାର ଶଦ୍ଦ ଶାନ୍ତି ପ୍ରକାଶ ହେଉଅଛି । ଏହା ଏପରି ଏକ ସ୍ଥାନ ଯେଉଁଠି ପ୍ରେମର ବିଜୟ ହେଉଛି ଯାହା ସମସ୍ତ ସମସ୍ୟାକୁ ଘୋଡାଇ ନେଉଛି ଏବଂ ଏହା ଏକ ଏପରି କମ୍ୟୁନିଟି ଯାହାର ପଦାଙ୍କ ଅନୁସରଣ ଅନ୍ୟ କମ୍ୟୁନିଟିମାନେ କରୁଛନ୍ତି । ଏବେ ମୁଁ ଅଳ୍ପ ସମୟ ମଧ୍ୟରେ ଯମାତ୍ ଅହେମଦୀୟାର ବିଭିନ୍ନ (ତହେରିକ୍) ସଂଗଠନ ବିଷୟରେ ଆଲୋକପାତ କରିବାକୁ ଚାହିଁବି । ଆପଣଙ୍କ ଏକ ସଂସ୍ଥା Meet a Muslim Family ଯେଉଁଠି ମତଭେଦକୁ ଦୂରକରି ପୂରା ଦେଶରେ କାନାଡ଼ିଆନ୍ ଲୋକମାନଙ୍କୁ ମିଶେଇଦେବାର ଲକ୍ଷ୍ୟ ଅଟେ ।

Stop the Crisis ସଂସ୍ଥା ଦ୍ୱାରା ସମଗ୍ର ଦେଶରେ ସନ୍ତ୍ରାସବାଦ ବିରେଧି ଭିଡ଼ିଓ ଓ ଭାଷଣ ଜରିଆରେ ଲୋକମାନଙ୍କ ଧ୍ୟାନ ଆକର୍ଷଣ କରାଯାଇଛି । ଏଥିରେ ଯୁବଗୋଷ୍ଠୀଙ୍କୁ ସନ୍ତ୍ରାସବାଦରୁ ରହିତ କରିବା ପାଇଁ ଚେଷ୍ଟା କରାଯାଇଛି ।

Je Suis Hijabi ସଂସ୍ଥା ଦ୍ୱାରା ଇସ୍‌ଲାମ୍‌ରେ ସ୍ତ୍ରୀ ମାନଙ୍କ ପ୍ରସଙ୍ଗରେ ଲୋକମାନଙ୍କର ଯେଉଁ ଖରାପ ଧାରଣା ଅଛି ତାର ଉତର ଦିଆଯାଇଛି ।

Fast with a muslim friend ଏପରି ଏକ ସଂସ୍ଥା ଯାହାର ଲକ୍ଷ୍ୟ ଲୋକମାନଙ୍କୁ ରୋଜା ବିଷୟରେ ଜଣାଇବା । Millions pounds of food ଏହି ସଂସ୍ଥାରେ ଭୋଗ ପ୍ରତି ଲୋକଙ୍କର ଧ୍ୟାନ ଆକର୍ଷଣ କରାଯାଇଛି । ଫଳତଃ ଗରିବ କାନାଡ଼ିଆନ୍ ଲୋକଙ୍କ ଜୀବନରେ ଉନ୍ନତି ସାଧନ କରାଯାଇଛି ଓ ତଳସ୍ତରର ଲୋକମାନଙ୍କୁ ସାହାଯ୍ୟ କରାଯାଇଛି । ହଜୁର୍ ଆମେ ଆପଣଙ୍କୁ ଧନ୍ୟବାଦ ହେଉଛୁ ଯେ ଆପଣ ଏହି କାର୍ଯ୍ୟକୁ ଅର୍ଥାତ୍ ମୋହବତ୍ (ପ୍ରେମ) କାର୍ଯ୍ୟରେ କରି ଦେଖାଇଛନ୍ତି ।

ପୂର୍ବତନ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଡ଼େବ୍‌ରାସଲ୍‌ଟ୍‌ଙ୍କ ସମ୍ବୋଧନ-ଏହାପରେ ଡ଼େବ୍‌ରାସଲ୍‌ଟ୍ କହିଲେ ଅସ୍‌ସଲାମୋ ଆଲୈକୁମ୍ ଆଜି ମୋ ପାଇଁ ଖଲିଫତୁଲ୍ ମସିହ୍‌ଙ୍କ ଉପସ୍ଥିତି ବହୁତ ସମ୍ମାନର ବିଷୟ । ସମସ୍ତ ସମ୍ମାନୀୟ ଅତିଥିମାନଙ୍କର ଏଠାରେ ଉପସ୍ଥିତି, ଯମାତ୍ ଅହେମଦୀୟାର ଲିଡ଼ର୍‌ଙ୍କ ଉପସ୍ଥିତି ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ । ଆଜି ମୋର ବାର୍ତା ଧନ୍ୟବାଦର ବାର୍ତା ଅଟେ । ମୁଁ ହଜୁର୍ ଅନୁୱର୍‌ଙ୍କୁ ପାର୍ଲିଆମେଂଟ୍ ହିଲ୍‌ରେ ପଦାର୍ପଣ କରିବା ଯୋଗୁଁ ଧନ୍ୟବାଦ ଅର୍ପଣ କରିବାକୁ ଚାହୁଁଛି । ଯେଉଁଠି ହଜୁର୍ ନିଜର ହୃଦୟସ୍ପର୍ଶୀ ଭାଷଣ 'ମୋହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ' ଉପରେ ଜୋର୍ ଦେଲେ । ଏହା ସହିତ ହଜୁର୍ ନିଜ ବାର୍ତାରେ ଆମକୁ ଧର୍ମୀୟ ସ୍ୱାଧୀନତା ସ୍ଥାପନ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଲେ ଏବଂ କିଛି ସରକାରୀ ପଲିସି ଉପରେ ମଧ୍ୟ ଆଲୋକପାତ କଲେ । ଆମେ ଆପଣଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛୁ ଯେ ଆପଣ ସମୟ ବାହାର କରି ଏହିସବୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କଲେ । ମୁଁ ମଲିକ୍ ଲାଲ୍ ଖାନ୍ ଅମିର୍ ଯମାତ୍ ଅହେମଦୀୟାଙ୍କର ମଧ୍ୟ ଧନ୍ୟବାଦ କରୁଛି । ଆପଣ ମୋତେ ଇଂଲିସ୍ ସ୍ଥାନର ଜଲ୍‌ସାସାଲାନା ପାଇଁ ନିମନ୍ତ୍ରଣ ଦେଇଥିଲେ । ଏହା ମୋ ପାଇଁ ଗୋଟିଏ ବହୁତ ବଡ଼ ଅଭିଜ୍ଞତା ଥିଲା ଯେ ପୃଥିବୀରୁ ଆସିଥିବା ଅହେମଦୀ ପ୍ରତିନିଧିଙ୍କ ସହିତ ସାକ୍ଷାତ ହେଲା ଏବଂ ମୁଁ ବହୁତ କିଛି ଜାଣିବାକୁ ପାଇଲି ଯେ କିପରି ସମଗ୍ର ଦୁନିଆରେ ଯମାତ୍ ଅହେମଦୀୟା ଲୋକମାନଙ୍କର ସାହାଯ୍ୟ କରିଚାଲିଛି । ମୋତେ ହଜୁର୍‌ଙ୍କର ଭାଷଣ ଗୁଡିକ ଶୁଣିବା ପାଇଁ ସୁଯୋଗ ମିଳିଲା । ମୁଁ ଅହେମଦୀୟା କମ୍ୟୁନିଟିକୁ ମଧ୍ୟ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ଯେପରି ଆପଣ ଅଳ୍ପ ସମୟ ପୂର୍ବରୁ ଶୁଣିଲେ ଯେ ଯମାତ୍ ଅହେମଦୀୟାର ଗୁରୁତ୍ୱ ଏ ସହର ପାଇଁ କିପରି ଅଛି ଏବଂ ମୁଁ ନିଜେ ପ୍ରତ୍ୟେକ ଅହେମଦୀଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେଉଁମାନେ ଲୋକମାନଙ୍କର ସେବାରେ ଲାଗିରହିଛନ୍ତି । ସେମାନେ ଶିରିଆରୁ ଆସିଥିବା ଶରଣାର୍ଥୀମାନଙ୍କ ବହୁତ ସାହାଯ୍ୟ କରିଛନ୍ତି । ଡାକ୍ତରଖାନା ପାଇଁ ଟଙ୍କା ଏକାଠି କରିଛନ୍ତି । ଆମେ ଖୁବ୍ ଶିଘ୍ର ତାଙ୍କ ପାଇଁ ଡାକ୍ତରଖାନା ତିଆରି କରିବା ଆରମ୍ଭ କରିଦେବୁ । ଯମାତ୍ ଅହେମଦୀୟ ବାକି ସମସ୍ତ ଗୋଷ୍ଠୀଙ୍କ ପାଇଁ ଏକ ଦୃଷ୍ଟାନ୍ତ ଅଟେ । ହଜୁର୍ ଏବେ କିଛିଦିନ ପାଇଁ ପଶ୍ଚିମା କାନାଡ଼ାର ଗସ୍ତରେ ଯିବେ । ମୋର ଶୁଭେଚ୍ଛା ଆପଣଙ୍କ ସାଥିରେ ଅଛି ଯେ ଯେପରି ଏଠାରେ ଆପଣ ଶାନ୍ତିର ବାର୍ତା ପହଂଚାଇଲେ ସେଠାର ଲୋକମାନଙ୍କୁ ମଧ୍ୟ ମୌକା ମିଳୁ ଏବଂ ଆପଣଙ୍କ ବାର୍ତା ସଂସାରରେ ପ୍ରସାର ଲାଭ କରୁ । ଧନ୍ୟବାଦ ! କାଉନ୍‌ସିଲର୍ ସିଟି ଅଫ୍ ୱାନ୍ ମେରିଲେନ୍ ଏଫ୍‌ରିଟିଙ୍କ ସମ୍ବୋଧନ- ଆପଣ ନିଜର ସଂକ୍ଷିପ୍ତ ସମ୍ବୋଧନ ଉପସ୍ଥାପନ କରି କହିଲେ ଖଲିଫତୁଲ୍ ମସିହ୍‌ଙ୍କ ଏହା ମୋର ପ୍ରଥମ ସାକ୍ଷାତକାର୍ । ମୁଁ ବହୁତ ଆନନ୍ଦିତ ଏବଂ ଏହି ପ୍ରୋଗ୍ରାମରେ ସାମିଲ୍ ହେବା ମୋ ପାଇଁ ଗୌରବର ବିଷୟ । ମୁଁ ଏକ ଛୋଟିଆ ଉପହାର ଉପସ୍ଥାପନ କରିବାକୁ ଚାହୁଁଛି । ଆଶା କରୁଛି ଯେ ଆପଣ ଏହାକୁ ନିଜ ସାଥିରେ ୟୁକେ ନେଇଯିବେ । ଏହା ଗୋଟିଏ ଫଳକ ଅଟେ ଯେଉଁଥିରେ ଯମାତ୍ ଅହେମଦୀୟା କାନାଡ଼ାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଚିହ୍ନ ଅଛି ଏବଂ ଏଥିରେ ବିଶେଷ କରି ରୂପାର ମୁଦ୍ରା ଖଚିତ ଅଛି ।

ସୁତରାଂ ସେ ହଜୁର୍ ଅନୁୱର୍‌ଙ୍କ ସେବାରେ ସେହି ଉପହାରଟି ଉପସ୍ଥାପନ କଲେ । ଏହାପରେ ମୋକରମ୍ ଫର୍‌ହାନ୍ ଅହେମଦ୍ ଖୋଖର୍ ସାହେବ ନାଏବ ଅମିର କାନାଡ଼ା ନିଜର ପରିଚୟ ମୂଳକ ସମ୍ବୋଧନ ଉପସ୍ଥାପନ କଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ୫:୪୫ ସମୟରେ ଇଂରାଜୀ ଭାଷାରେ ନିଜର ଭାଷଣ ପ୍ରଦାନ କଲେ । ଯାହାର ଉର୍ଦ୍ଦୁ ଅନୁବାଦ ଦିଆଯାଉଅଛି । କ୍ରମଶଃ...

(ବ ହୱାଲା ଅଖବାରେ ବଦର୍ ୧୯ ଜାନୁଆରୀ-୨୦୧୭)

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan